# ମୁଁ ଓ ପୁରୁଷ

## ଗାୟତ୍ରୀବାଳା ପଣ୍ଡା

### (ଅଖିଳ ଦିବସ ଅବସରରେ ଆୟୋଜିତ ସାହିତ୍ୟ ଉତ୍ସବରେ ପ୍ରଦ    ବକ୍ତବ୍ୟ)

ଅଖିଳ ଦିବସ ଅବସରରେ ଆୟୋଜିତ ସାହିତ୍ୟ ଉତ୍ସବରେ ଉପସ୍ଥିତ ସମସ୍ତ ଅତିଥିଙ୍କୁ ମୋର ପ୍ରଣାମ। ଏହି ବିମର୍ଶ ସତ୍ର "ମୁଁ ଓ ପୁରୁଷ" ବିଷୟରେ ମୋତେ କିଛି କହିବାର ସୁଯୋଗ ଦିଆଯାଇଥିବାରୁ ଆୟୋଜକଙ୍କ ନିକଟରେ ମୋର କୃତଜ୍ଞତା ଜଣାଉଛି।

ଆଜିର ବିମର୍ଶର ବିଷୟବସ୍ତୁ "ମୁଁ ଓ ପୁରୁଷ", ସମୟ ସୀମା- ୧୦ ମିନିଟ୍। 'ମୁଁ ଓ ପୁରୁଷ' ମାନେ ନିଶ୍ଚୟ ଏୟା ହିଁ ଅର୍ଥ ହୁଏ ଯେ ମୁଁ ଅର୍ଥାତ୍ ଜଣେ ନାରୀ। ଅତଏବ ବିଷୟବସ୍ତୁ ହେଉଛି "ନାରୀ ଓ ପୁରୁଷ"। କୌଣସି ତ ୍ୱ, କୌଣସି ତଥ୍ୟ, କୌଣସି ତାତ୍ପର୍ଯ୍ୟପୂର୍ଣ୍ଣ ଉଦ୍ଧୃତି ମୁଁ ଦେବିନାହିଁ। ମୁଁ କହିବି ମୋ କଥା, ଜଣେ ସାଧାରଣ ନାରୀର ଖୁଉବ୍ ମାମୁଲି ଉପଲବ୍ଧିର କଥା। ମୁଁ ଆଉ ପୁରୁଷ ମଝିରେ ରହିଥିବା ଏଇ "ଓ"ଟି ପାଇଁ ପୁରୁଷ ଅପେକ୍ଷା ସମାଜର ଦୃଷ୍ଟିଭଂଗୀ କେତେ ପରିମାଣରେ ଦାୟୀ, ନାରୀ ଓ ପୁରୁଷ ମଧ୍ୟରେ ବୈଷମ୍ୟ ସୃଷ୍ଟିପାଇଁ, ପିଲାଟିଦିନରୁ ନାରୀ ମନରେ ପୁରୁଷପ୍ରତି ଭୟ ଓ ବିଦ୍ୱେଷ ସୃଷ୍ଟିପାଇଁ ସମାଜ ସହିତ ପରିବାର କିଭଳି ଦାୟୀ, ତାହା ମୁଁ ମୋ ବକ୍ତବ୍ୟରେ କହିବି। ତେବେ ମୋର ଏଠାରେ କହିବାର ଦିଗ ହେବ ମୋର ବ୍ୟକ୍ତିଗତ ଜୀବନ ଓ ସାହିତ୍ୟ ଜୀବନରେ ମୁଁ ପୁରୁଷକୁ କିଭଳି ଦେଖେ ଅବା ମୋର ପୁରୁଷକୁ ନେଇ ଉପଲବ୍ଧି କ'ଣ ଅବା ପୁରୁଷ ମୋପାଇଁ ସମସ୍ୟା ନା ସାମର୍ଥ୍ୟ, ସାହସ ନା ଶୃଙ୍ଖଳ ? ପୁରୁଷ ମୋପାଇଁ ଅଭିଯୋଗ ନା ଅଭିମାନ ?

ମୋର ବକ୍ତବ୍ୟକୁ ମୁଁ ଦୁଇ ଭାଗରେ ବିଭକ୍ତ କରିବି।

ପ୍ରଥମେ ମୁଁ ମୋ ମୋର ବ୍ୟକ୍ତିଗତ ଜୀବନରେ ପୁରୁଷର ଉପଲବ୍ଧିକୁ ନେଇ ବକ୍ତବ୍ୟ ରଖିବି। ଜନ୍ମରୁ ଲିଂଗଭେଦରେ ଜଣକୁ ଝିଅ ଅବା ପୁଅ ଚିହ୍ନଟ କରାଯାଇଥାଏ। ଯଦିଓ ସେଇ ଝିଅ/ପୁଅ ମନୋଭାବଟି ଗୋଟିଏ ନିର୍ଦ୍ଦିଷ୍ଟ ବୟସ ପର୍ଯ୍ୟନ୍ତ ଜଣକଠି ଆସିନଥାଏ। ଝିଅଟିଏ ଋତୁପ୍ରାପ୍ତ ହେବା ପରଠାରୁ ହିଁ ଆରମ୍ଭ ହୋଇଯାଏ ତାର ନିଜକୁ ଝିଅ ବୋଲି ଭାବିବା ଓ ପ୍ରଚ୍ଛନ୍ନରେ ଆରମ୍ଭ ହୋଇଯାଏ ପୁରୁଷ ପ୍ରତି ତାର ଆଚରଣରେ, ମନୋଭାବରେ ପରିବ ିନ। ପ୍ରଚ୍ଛନ୍ନ ଭାବରେ ଭୟ, ବିଦ୍ରୋହ, ଈର୍ଷା ସାଂଗକୁ ଆକର୍ଷଣ। ଗୋଟେ ବିଚିତ୍ର ଜୀବନ ଆରମ୍ଭ ହୋଇଯାଏ ତାର। ନିଜର ସୀମିତତା, ସାମର୍ଥ୍ୟ ସହ ଚିହ୍ନେଇ ଦିଆଯାଏ ତାକୁ। ବ୍ୟକ୍ତିଗତ ଭାବରେ ମୁଁ ବି ସେଇ ପର୍ଯ୍ୟନ୍ତ ନିଜକୁ ଜଣେ ମଣିଷ ଭାବୁଥିଲି ଯେଉଁ ପର୍ଯ୍ୟନ୍ତ ମୋର ସାଂଗ ପୁଅଙ୍କ ସହିତ ଖେଳପଡ଼ିଆରେ ଖେଳୁଥିଲି ଓ ସଂଜ ବୁଡ଼ିଲେ ଘରକୁ ଆସୁଥିଲି। ଦିନେ ମତେ ହଠାତ୍ ଖେଳପଡ଼ିଆକୁ ଛଡ଼ାଗଲାନି ଓ କୁହାଗଲା ଯେ ମୁଁ ବଡ଼ ହେଲିଣି। ପୁଅଙ୍କ ସହିତ ଏତେଟା ମିଶିବା, ସଂଜପରେ ବାହାରେ ରହିବା ଠିକ୍ ନୁହେଁ। ଘରୁ କୁଆଡ଼େ ଗଲେ କାହାକୁ ଜଣକୁ ସାଂଗରେ ନେଇଯିବା ଏମିତିକି ମୋର ସାତ ଆଠ ବର୍ଷର ସାନଭାଇ ହଉପଛେ ମୋ ସାଂଗରେ ଯାଉଥିଲା ମତେ ଜଗିବାକୁ। ମୁଁ ବୁଝିପାରୁନଥିଲି ସେ ମତେ ଜଗିବାର ଅର୍ଥ କ'ଣ ! ଜେଜେମା କହୁଥିଲା, ନାନୀ ସାଂଗେ ସାଂଗେ ଥିବୁ। ମୋ ମନରେ ଖୁବ୍ ଅଭିମାନ ହଉଥିଲା, କ୍ରୋଧ ଓ ବିଦ୍ରୋହ ବି। ମୁଁ ତ ତାଠାରୁ ବଡ଼, ସେ ମତେ କ'ଣ ଜଗିବ, କେବଳ ପୁଅ ହେଇ ଜନ୍ମ ହୋଇଛି ବୋଲି।

ମୋର ନାରୀ ହବାର ଉପଲବ୍ଧି ଓ ନାରୀ ଜୀବନ ସେଇଠୁ ଆରମ୍ଭ ହେଲା ଓ ପ୍ରତି ସ୍ତରରେ ସେଇ ଜୀବନ ମୋର ବାଟ ଓଗାଳୁଥିଲା, ମୋର ସ୍ୱାଧୀନତାକୁ ପରାହତ କରୁଥିଲା। ଯଦିଓ ମୋର ପରିବାରରେ ଆମ ଭାଇଭଉଣୀଙ୍କ ପ୍ରତି ସମଭାବାପନ୍ନ ବାତାବରଣ ଥିଲା ଓ ମୋର ବାପା,ବୋଉ ମତେ ପ୍ରତ୍ୟକ୍ଷ ଭାବରେ ଖୁବ୍ ବେଶୀ ଆକଟ କରୁନଥିଲେ ତଥାପି ବୋଧହୁଏ ମୋ ବୟସ ତୁଳନାରେ ମୁଁ ମୋର ମାନସିକତାରେ କିଛି ଅଧିକ ବୟସ୍କ ଥିଲି ଓ ସାମାନ୍ୟତମ କଟକଣା ମତେ ବିବଶ ଓ ଅନ୍ୟମନସ୍କ କରିପକଉଥିଲା। ଯେତେବେଳେ ମୋର ଜେଜେବାପା କହୁଥିଲେ ଝିଅପିଲାଟା, ସିଭିଲ୍ ଇଂଜିନିୟରିଂ କ'ଣ ପଢ଼ିବ ଅବା ଜେଜେମା କହୁଥିଲା ଝିଅପିଲାଟା ଓଡ଼ିଶା ବାହାରେ ରହି ଏକୁଟିଆଟା କ'ଣ ଚାକିରୀ କରିବ, ଏସବୁ ମୋର ସ୍ୱାଧୀନତାକୁ, ଫୁ ିକୁ, ଉତ୍ସାହକୁ, ଆଗ୍ରହକୁ ପରାହତ କରୁଥିଲା।

ମୋର ଭାଇମାନେ ଖେଳରେ ମାତିଲାବେଳେ, ଗୁଡ଼ି ଉଡ଼ାଇଲାବେଳେ, ପହଁରାରେ ମାତିଲାବେଳେ, ଗଛରେ ଚଢ଼ି ପିଜୁଳି ପାରିଲାବେଳେ, ସାଂଗ ଘରକୁ ବୁଲିଗଲାବେଳେ ମୁଁ ରୁଟି ବେଲିବା ଶିଖୁଥିଲି, ବହିପତ୍ର ଥାକରେ ସଜାଡ଼ି ରଖୁଥିଲି, ସଂଜବତୀ ଦଉଥିଲି, ଅଗଣା ତାରରୁ ଲୁଗାପଟା ତୋଳିକି ରଖୁଥିଲି, ଇସ୍ତ୍ରୀ କରୁଥିଲି, ବିଛଣା ଚଦର ଝାଡ଼ି ପକଉଥିଲି। ଏମିତି ଛୋଟମୋଟ ଘରକାମରେ ବୋଉକୁ ସାହାଯ୍ୟ କରୁଥିଲି ଯଦିଓ ସାହାଯ୍ୟ ନକଲେ ବି ବୋଉ କିଛି କହୁନଥିଲା, ତଥାପି ମୁଁ ବୋଉର ପାଖେପାଖେ ରହୁଥିଲି, ତା'ଠୁଁ କାମ ଶିଖୁଥିଲି। ଘରକୁ କେହି ଅତିଥି ଆସିଲେ ତାଂକର ଚର୍ଚ୍ଚା କରିବାରେ ମତେ ହିଁ ବୋଉକୁ ସାହାଯ୍ୟ କରିବାକୁ ପଡୁଥିଲା। ସେମାନେ ଯେତେବେଳେ କହୁଥିଲେ ଛୋଟ ପିଲାଟା ତ ବୋଉ ତାଂକୁ କହୁଥିବାର ମୁଁ ଶୁଣିଛି, ଯୋଉଠି ରହିଲେ, ଯେତେ ବଡ଼ ଘରେ ବାହାହେଲେ, ଚାକିରିବାକିରୀ କଲେ ବି ଝିଅପିଲା। ତାକୁ ସବୁ କାମ ଶିଖି ରଖିବା ଦର୍କାର। ସବୁ ପରିସ୍ଥିତିରେ ଚଳିଯିବା ଦର୍କାର। ଯେମିତି ସେତେବେଳେ ତାକୁ କିଛି ଅସୁବିଧା ନ ହେବ ସେଇଥିପାଇଁ ତାକୁ ସବୁ କାମ ଶିଖଉଛି। ଅଥଚ ପାଠରେ, ଏକ୍ସଟ୍ରା କରିକୁଲାର ଆକ୍ଟିଭିଟିଜ୍‌ରେ ମୁଁ ଭାଇମାନଙ୍କ ଅପେକ୍ଷା, ମୋ ଶ୍ରେଣୀର ପୁଅମାନଙ୍କ ଅପେକ୍ଷା ଖୁବ୍ ପାରଙ୍ଗମ ଥିଲି। ମୋ ଜେଜେ କହୁଥିଲେ, ତୁ ଝିଅ ନୁହଁ, ପୁଅ। ମୋର ତତ୍କ୍ଷଣାତ୍ କହିଦବାକୁ ଇଚ୍ଛା ହେଉଥିଲା ପୁଅ ତ ମତେ ପଡ଼ିଆକୁ ଖେଳିବାକୁ, ସାଂଗମାନଙ୍କ ଘରକୁ, ବଜାରକୁ ଏକା ଛଡ଼ାଯାଉନି କ'ଣ ପାଇଁ ? ମୋର ଅବଶୋଷ ହଉଥିଲା ପୁଅଟିଏ ହୋଇଥାନ୍ତି କି !

ମୁଁ ପଢୁଥିବା ସ୍କୁଲରେ ମୋର ଶିକ୍ଷକ ମୋର ସାଂଗ ପୁଅମାନଙ୍କୁ ତର୍କ ପ୍ରତିଯୋଗିତାକୁ ପଠାଇଲାବେଳେ ମୋତେ ପ୍ରବନ୍ଧ, ଚିତ୍ରାଂକନ ବା କବିତା ପ୍ରତିଯୋଗିତାକୁ ପଠାଉଥିଲେ। ଦିନେ ମୁଁ ଆମର ପ୍ରଧାନଶିକ୍ଷକଙ୍କୁ

କହିଲି, ମୁଁ ତର୍କ ପ୍ରତିଯୋଗିତାକୁ ଯିବି ତ ସିଏ ମତେ ଓଲଟା ପ୍ରଶ୍ନ କଲେ, "ଝିଅପିଲାଟା ପ୍ରବନ୍ଧ, ଚିତ୍ରାଂକନ ନାଇଁତ ସ୍ୱରଚିତ କବିତା ପ୍ରତିଯୋଗିତାକୁ ଯାଆ, ତୋ ନାଁ ସେଥିରେ ଦିଆହୋଇଛି। ପୁଅମାନେ ତର୍କ ପ୍ରତିଯୋଗିତାକୁ ଯିବେ। ଝିଅହେଇ କ'ଣ ପୁଅମାନଙ୍କୁ ତର୍କରେ ପାରିବୁ? ଇଏ ଆମ ସ୍କୁଲର ସମ୍ମାନର କଥା!" ମୁଁ ସେଦିନ ଘରକୁ ଫେରି କାନ୍ଦିଲି ଓ ବାପା ବୁଝାଇଲେ ପ୍ରବନ୍ଧ ହେଉ କି ଚିତ୍ର କି କବିତା ତୁ ପ୍ରଥମ ହେଇ ଦେଖେଇ ଦେ। ଯଦିଓ ମୁଁ ପ୍ରତ୍ୟେକ ତର୍କ ପ୍ରତିଯୋଗିତାରେ ପ୍ରଥମ ହେଉଥିଲି ସେଦିନ କାହିଁକି ସାର୍‌ଙ୍କ ସହିତ ଯୁକ୍ତି କରିପାରିଲି ନାହିଁ! ସେଦିନ କାହିଁକି ବାପା ମତେ ନେଇ ସାର୍‌ଙ୍କ ନିକଟକୁ ଗଲେନାହିଁ ଓ ପଚାରିଲେ ନାହିଁ "ଝିଅ କାହିଁକି ତର୍କ ପ୍ରତିଯୋଗିତାକୁ ଯିବ ନାହିଁ?" କୋଉ ସଂସ୍କାର, କୋଉ ଆରୋପିତ ଆଦର୍ଶ ବାପାଙ୍କୁ ଓ ମତେ ଚୁପ୍ ରହିବାକୁ ବାଧ୍ୟ କଲା?

ମୋର ସଂପର୍କୀୟମାନେ କହୁଥିଲେ ପ୍ରେମରେ ନ ପଡ଼ିଲେ କେହି କବିତା ଲେଖନ୍ତି ନାହିଁ। ଝିଅପିଲାହେଇ କବିତା କ'ଣ ଲେଖୁଛୁ? ଗପ ଲେଖ୍, ଉପନ୍ୟାସ ଲେଖ୍। ସେତେବେଳେ ସେଇ ବୟସରେ ମୁଁ ଭାବୁଥିଲି କବିତା ଲେଖିବା କ'ଣ ପାପ! ଏଇ ପ୍ରଶ୍ନ ଓ ଆତଂକ ମତେ ଏତେ ଆବୋରି ବସୁଥିଲା ଯେ ମୁଁ ଲୁଚିଲୁଚି କବିତା ଲେଖୁଥିଲି। କେବେକେବେ କବିତା ଲେଖିବାକୁ ମୁଁ ଲାଟିନ୍‌ରେ ପଶିଯାଉଥିଲି। କାଳେ ବାପା, ବୋଉ ଜାଣିଲେ ଖରାପ ଭାବିବେ, କାଳେ ଭାବିବେ ମୁଁ କାହାକୁ ପ୍ରେମ କରୁଛି ସେଇ ଭୟରେ ଲାଟିନ୍‌ରେ ପଶି କବିତା ଲେଖୁଥିଲି। ତେବେ ବୋଉ ସଂଦେହ କରୁଥିଲା, ଏତେ ସମୟ ଲାଟିନ୍‌ରେ ପଶି କରୁଛି କ'ଣ? ମୁଁ ଭାବୁଥିଲି ମୁଁ ପୁଅଟିଏ ହୋଇଥାନ୍ତି କି! ଏମିତି କାହା ସଂଦେହ ଓ ପ୍ରଶ୍ନକୁ ସାମ୍ନା କରିବାକୁ ପଡୁନଥାନ୍ତା! ଠିକ୍ ସେମିତି ପୂଜା ପତ୍ରିକା କିଣିବାକୁ ମତେ ଆମ ଗାଁରୁ ଦଶ ବାର କିଲୋମିଟର ଦୂର ବଜାରକୁ ଯିବାକୁ ପଡୁଥିଲା। କେବଳ ପତ୍ରିକା କିଣିବାକୁ ଏତେଗୁଡ଼ାଏ ବାଟ ଯିବି ବୋଲି କହିବାର ସାହସ ନଥିଲା। କାଳେ ବୋଉ କହିବ କେବଳ ପତ୍ରିକାପାଇଁ ଏତେବାଟ କାଇଁ ଯିବୁ ବା ପାଠବହି ନପଢ଼ି ଏଗୁଡ଼ା ପଢ଼ିଲେ କି ଲାଭ ମିଳିବ? ତେଣୁ ଦଶରା ମେଢ଼ ଦେଖିବାର ବାହାନା କରି ମୁଁ ମୋ ଭାଇ ସାଂଗରେ ଯାଉଥିଲି ବଜାରକୁ ଓ ପତ୍ରିକା କିଣି ଆଣୁଥିଲି। ନା! ମୋର ଦେବୀ ମେଢ଼, ସାଜସଜ୍ଜା, ମେଲୋଡ଼ି, ମୀନାବଜାର, ଖେଳନା, ଚାଟ୍, ଗୁପଚୁପ୍ କୋଉଥିରେ ମନ ନଥିଲା। ବହୁ କଷ୍ଟରେ ବୋଉକୁ ମନେଇ ବାହାରି ପାରୁଥିଲି ବଜାରକୁ। ପତ୍ରିକା ଷ୍ଟଲ୍‌ରେ ଛିଡ଼ାହେଇ ପତ୍ରିକା ଓଲଟାଇଲାବେଳେ ଭାଇ ଅଧୈର୍ଯ୍ୟହୋଇ କହୁଥିଲା ରାତି ହେଇଯିବ, ଶୀଘ୍ର କାମ ସାର, ମେଢ଼ ନ ଦେଖି ଏଥିରୁ ମିଳୁଛି କ'ଣ! ସେତେବେଳେ ମୋ ଭାଇ ଉପରେ ମୋର ରାଗ ଓ ଈର୍ଷା ହେଉଥିଲା, ଯଦି ପୁଅଟିଏ ହୋଇଥାଆନ୍ତି ଯେତେଥର ନାଇଁ ସେତେଥର ମନଇଚ୍ଛା ବଜାର ଆସି ପତ୍ରିକା ଦେଖିପାରୁଥାଆନ୍ତି।

କିନ୍ତୁ ବୟସ ବଢ଼ିବା କ୍ରମେ ମୋର ପୁଅ ହବାର ଆକାଂକ୍ଷା ମଉଳି ଗଲା। ବରଂ ମୋର ଜିଦ୍ ବଢ଼ିଲା, ସବୁ କ୍ଷେତ୍ରରେ ମୋର ସମବୟସ୍କ ପୁଅମାନଙ୍କଠୁ ଆଗରେ ରହିବାର ଜିଦ୍। ମୁଁ ବି ପୁଅମାନଙ୍କ ଭଳି ସବୁ କାମରେ ପାରଦର୍ଶିତା ଦେଖାଇ ପାରିବାର ଜିଦ୍। ଆଜି ବି ଅନେକ କାମ ପୁଅମାନଙ୍କ ଭଳି ମୁଁ କରିପାରେ। ଅନେକ ଦାୟିତ୍ୱ ଏକ ସାଂଗରେ ତୁଲାଇପାରେ। ଯଦିଓ ଡେରୀ ରାତିରେ କୁଆଡ଼େ ଏକା ଯାଇପାରେନି ତେବେ ମୁଁ ନାରୀଟିଏ ବୋଲି ମୋ ମନରେ କିଛି ପଶ୍ଚା ାପ ଆସେନି। ବରଂ ମୋ ଅନ୍ତର୍ମନରୁ ସାହସ ଆସେ। ପରିସ୍ଥିତିକୁ ସାମ୍ନା କରିବାର ସାହସ। ଏମିତି ଦୈନନ୍ଦିନ ଜୀବନରେ କେତେ ନା କେତେ ଉପଲବ୍ଧି ଓ ଘଟଣା ଯଦିଓ ମତେ ହତବାକ୍ କରୁଥାଏ, କରିଚାଲିଥାଏ ତେବେବି ମୁଁ ଏହାକୁ ଆଦୌ ଗୁରୁତ୍ୱ ଦିଏ ନାହିଁ। ଏବେବି ମୁଁ ଅନେକ ସମସ୍ୟାକୁ ସାମ୍ନା କରେ, ଯେମିତି ମୋର କବିତା ପଢ଼ି କେହି ମୋ ଶାଶୁଶ୍ୱଶୁରଙ୍କୁ ବୋହୂର କବିତା ଭଲ ହୋଇଛି କହିଲେ ମୋ ଶାଶୁ ଶ୍ୱଶୁର ନୀରବ ରହନ୍ତି। ବରଂ ମତେ କହନ୍ତି ସେ କବିତା ଗାୟତ୍ରୀବାଳା ପଣ୍ଡା ଲେଖିଛି, ଆମ ବୋହୂ ନୁହେଁ। କାରଣ ମୋର ନାଁ ସାଂଗରେ ମୋର ବାପଘରର ସାଂଗିଆଟି ଏଯାବତ୍ ରହିଛି ଓ ମୁଁ ଏହାକୁ ଶାଶୁଘରର ସାଂଗିଆକୁ ବଦଳାଇନାହିଁ। ଅବିକଳ ଏଇ କଥା ମୁଁ ଅନେକ ନାରୀଙ୍କଠୁଁ ଶୁଣିଛି ଓ କେତେ ପ୍ରତିଷ୍ଠିତ ନାରୀ ସମାଜର ପ୍ରଶ୍ନକୁ ବାରମ୍ବାର ସାମ୍ନା କରିବା ଅପେକ୍ଷା ସେମାନଙ୍କ ନାଁ ସହିତ ଶାଶୁଘରର ସାଂଗିଆ (କେତେକ ସ୍ଥଳେ ଉଭୟ ବାପଘର ଓ ଶାଶୁଘରର ସାଂଗିଆ) ଯୋଡ଼ିଥିବାର ବି ଦେଖିଛି। ମୁଁ ଏକଥାଟି ଶୁଣିଲାବେଳେ ଭାବେ ଆଉ କେତେ ଆଧୁନିକ ହେଲେ ସମାଜ ନାରୀକୁ ତା'ନିଜ ପରିଚୟରେ ବଂଚିବାକୁ ଦବ?

ମୋର ସେଇ ନୀରବ ରହିବା କେବେ ନା କେବେ ମୋ କବିତାରେ ପ୍ରଶ୍ନ ପାଲଟିଯାଏ। ଏ ପ୍ରଶ୍ନ ମୁଁ କାହାକୁ ପଚାରୁଥାଏ, କାହାଠୁ ଉ ର ଆଶା କରୁଥାଏ? କାହାଠୁଁ ନୁହେଁ। ମାତ୍ର ମୁଁ ଜାଣେ ଯେ ମଣିଷ ଯାକୁ ପଢ଼ିବ ଓ ମୁହୂ ର୍ଟିଏ ପାଇଁ ହଉପଛେ ତା'ର ଚେତନାରେ ତରଙ୍ଗଟିଏ ଉଠିବ ଯଦିଓ ପୁଣି ଆର ମୁହୂ ର୍ରେ ସେ ପୂର୍ବବତ୍ ଆଚରଣ ପ୍ରଦର୍ଶନ କରିବ ଇ କରିବ। ମୁଁ ସାମାଜିକ ଚଳଣି, ନୀତିନିୟମକୁ ଆଂଗୁଠି ଦେଖାଇବାର ସାହସଟି ଅବଶ୍ୟ କରେ, କରିଚାଲିଥାଏ।

ଏଗାର ବର୍ଷ ବୟସରେ ମତେ ଭାଇ ଜଗିଲା ଭଳି ଏବେବି ବାହାରକୁ ବାହାରିଲେ ମୋ ପରିବାର ଲୋକ କହନ୍ତି– ଡ୍ରାଇଭର ସାଂଗରେ ଏକୁଟିଆଟା କାଇଁ ଯିବୁ, ପୁଅକୁ ସାଂଗରେ ନେଇଯା। ମୋ ଛଅ ବର୍ଷର ପୁଅ ମୋ ସାଂଗରେ ସବୁଠିକୁ ଯାଏ–ହାଟବଜାର, ବ୍ୟାଙ୍କ୍, ସଭାସମିତି। ମତେ ଜଗିବାକୁ– ମୋ ଭାଇ ଭଳି! ସେ ଛଅ ବର୍ଷର ପୁରୁଷ ଓ ମୁଁ ତେତିଶ ବର୍ଷର ନାରୀ! ଗୋଟିଏ ଛଅ ବର୍ଷର ପୁଅ ହିଁ ନିରାପ । ପାଲଟିପାରେ ତା' ତେତିଶ ବର୍ଷର ମାଆପାଇଁ! ତେବେ ଏହା ଆମର ଓ ଆମ ସମାଜର ମାନସିକତା। ପରିସ୍ଥିତିର ଆବଶ୍ୟକତା। ଯେତେ ଶିକ୍ଷିତା, ସ୍ୱଚ୍ଛଳ, ସ୍ୱାବଲମ୍ବୀ ହେଲେ ବି ସାମାଜିକ ଦୃଷ୍ଟିଭଂଗୀ ଓ ପୁରୁଷର ପାଶବିକତା କବଳରୁ ନାରୀର ମୁକ୍ତି ନାହିଁ। କେବଳ ସେତିକି ନୁହେଁ ମୋ ଛଅ ବର୍ଷର ପୁଅ ବି ମୋର ନାରୀ ହବାର ବାସ୍ତବତାକୁ ପ୍ରତି ମୁହୂ ର୍ରେ ମତେ ମନେ ପକେଇଦିଏ। ଯେତେବେଳେ ମୁଁ କାର୍ ଚଳାଇବାର ଇଚ୍ଛା ପ୍ରକାଶ କରେ, ମୋ ପୁଅ ପ୍ରଥମେ ପାଟି କରେ– ତମେ ଝିଅପିଲା ମାମା, କାର୍ ଚଳାଇବା ଉଚିତ୍ ନୁହେଁ। ଟିଭିରୁ ନ୍ୟୁଜ୍ ଦେଖିଲେ କହେ, ଜେଜେମା, ପିଉସୀ ନାନୀ, ଆଇ, ମାଈଁଭଳି ସିରିଏଲ୍ ଦେଖୁନ, ଫିଲିମ୍ ଦେଖୁନ, ଝିଅପିଲା ହେଇ ବାବାଙ୍କ ଭଳି ନ୍ୟୁଜ୍ କ'ଣ ଦେଖୁଛ?

ତେଣୁ ଏଇ ଛୋଟ ବୟସରେ କେମିତି କେଜାଣି ଆପେଆପେ ମୋ ପୁଅ ତା'ମନରେ ଝିଅ/ପୁଅ ନେଇ ଭିନ୍ନ ମାନସିକତା ସମାଜରୁ, ପରିବେଶରୁ ସାଉଁଟୁଥାଏ ଓ ପ୍ରତି ମୁହୂ ର୍ରେ ମୋ ଭିତରେ ବି ଏଇ ନାରୀ/ସ୍ତ୍ରୀଲୋକ/ଝିଅପିଲା ଭାବନାଟି ତାଜା ହୋଇ ରହେ। ଅଂଗାର ଭଳି ଡହକୁଥାଏ ଆଉ ତାର ଧାସରେ ମୁଁ ସିଝି ଯାଉଥାଏ। ସ୍ତ୍ରୀଲୋକ ବୋଲି କ'ଣ ମୁଁ ଜଣେ ପୂର୍ଣାଂଗ ମଣିଷ ନୁହଁ? ମୁଁ ଏୟା ବି ବିନା ଦ୍ୱିଧାରେ ମାନିପାରେ ଯେ କେବଳ ଶାରୀରିକ ଗଢ଼ଣ ଓ ମାତୃତ୍ୱ ଲାଭ କରିବାର କ୍ଷମତା ନାରୀକୁ ତା'ର ପାରିବାରପଣ, ସଫଳତା ପ୍ରାପ୍ତିର ସୁଯୋଗରୁ ନିଶ୍ଚୟ ବ ିତ କରିଥାଏ। କିଛି ଖୁବ୍ ଦୃଢ଼ ମନୋବଳ ଓ ସାହସ ଥିବା ଆତ୍ମନିର୍ଭରଶୀଳ ନାରୀ ବି ଅନ୍ତରାଳରେ କିଛି କମ୍ ଆତ୍ମପୀଡ଼ନର ଶୀକାର ହୋଇନଥାନ୍ତି! ମୋ ମନର କାନ୍‌ଭାସରେ ଏମିତି ଅନେକ ନାରୀ ଅଛନ୍ତି

ଯେଉଁମାନେ କେବେ ନା କେବେ, କୌଣସି ନା କୌଣସି ପରିସ୍ଥିତିରେ, କୌଣସି ନା କୌଣସି ବୟସରେ ନିର୍ଯ୍ୟାତନାର ଶୀକାର ହୁଅନ୍ତି। ମୁଁ ଏଠି ଶାରୀରିକ ନିର୍ଯ୍ୟାତନା କଥା କହୁନାହିଁ। ଏ ପୃଥିବୀରେ ବଂଚୁଥିବା ପ୍ରତ୍ୟେକ ନାରୀ କେବେ ନା କେବେ ପୁରୁଷର ହୀନମନ୍ୟତା/ ପାଶବିକତା ସହିତ ସମାଜର କୁତ୍ସିତ ନୀତିନିୟମ, ଆରୋପିତ ଅନ୍ଧ ଆଦର୍ଶ ବା ମିଛ ପାରମ୍ପରିକ ମୂଲ୍ୟବୋଧକୁ ଯେ ସାମ୍ନା ନକରୁଛନ୍ତି, ତା' ନୁହଁ। ମାତ୍ର ପରିବାରର ସମ୍ମାନ, ପ୍ରତିଷ୍ଠା ଓ ଆତ୍ମମର୍ଯ୍ୟାଦା ହାନିହେବା ଭୟରେ କେହି ଖୋଲାଖୋଲି ଏ ବିଷୟରେ କାହା ପାଖରେ ଆଲୋଚନା କରିପାରନ୍ତି ନାହିଁ। ଆଉ ଅନେକ ନାରୀ ଏହାକୁ ଭାଗ୍ୟ ଭାବି, ନାରୀ ଜନ୍ମର ସାର୍ଥକତା ଭାବି ଚୁପ୍ ରହନ୍ତି। ଆମ ସମାଜରେ କେତେଜଣ ନାରୀ ନିଷ୍ପ ି ପାଲଟନ୍ତି ? ନିର୍ଣ୍ଣୟ ପାଲଟନ୍ତି ?

ସାହିତ୍ୟ କ୍ଷେତ୍ରରେ ବି ସେମିତି। ମୁଁ-ମୁଁ ଓ ପୁରୁଷ-ପୁରୁଷ ହୋଇ ରହିଥାନ୍ତି। ଗୋଟେ ବ୍ୟବସ୍ଥିତ ବ୍ୟବଧାନ। ଗୋଟିଏ ବିନ୍ଦୁରେ ମୁଁ-ଜଣେ ନାରୀ, ଆର ବିନ୍ଦୁରେ ପୁରୁଷ-ଜଣେ ବ୍ୟକ୍ତି। ବହୁବାର ମୁଁ ନିଜକୁ ଜଣେ ବ୍ୟକ୍ତି ଭାବରେ ଆବିଷ୍କାର କରିବାର ପ୍ରୟାସରେ ମାତିଥାଏ। ବହୁବାର ମୁଁ ମୋର ସୀମାବଦ୍ଧତାକୁ ଝୁଂଟେ ଓ ରକ୍ତାକ୍ତ ହୁଏ, ଖଣ୍ଡ ବିଖଣ୍ଡିତ ହୁଏ। ମୋର ସୀମାବଦ୍ଧତା ମାନେ ମୋ ଉପରେ ମୋର ପରିବାର ଓ ସମାଜ ଲଦିଥିବା ଦାୟ, ଦାୟିତ୍ୱବୋଧ ଓ ଦୃଷ୍ଟିଭଂଗୀ। ଏଠି ବି ପରିବାର ଓ ସମାଜ ସେଇ ପୁରୁଷକୁ ହିଁ ବୁଝାଏ। ପୁରୁଷର ଅହଂ, ଇଚ୍ଛା, ବନ୍ଧନ ଓ କୈଫିୟତ୍ ପାଖରୁ ନିଜକୁ ମୁକୁଳେଇଆଣି ସ୍ୱତନ୍ତ୍ରଭାବେ ଉପସ୍ଥାପିତ କରିବାର ଚିନ୍ତା ମତେ ଅଧିକରୁ ଅଧିକ ପ୍ରତିକ୍ରିୟାଶୀଳ କରିପକାଏ। ମୋର ଏଇ ଅପାରଗତା ବା ନିପାରିଲାପଣକୁ ବୁନ୍ଦାଏ ଲୁହ ଅବା ତୁକୁଡ଼ାଏ କ୍ଷୋଭଭାବରେ ଧରି ମୁଁ ମୋ ଭିତରକୁ ଆସେ। ନିଜକୁ କିଳିପକାଏ, କବିତା ଲେଖେ। ମୋର କାନ୍ଦ, କୋହ, କାରୁଣ୍ୟ ଓ କ୍ଷୋଭର କାୟାକଳ୍ପ। ସେଇ କାୟାକଳ୍ପକୁ ପୁରୁଷ କହେ ବିଦ୍ରୋହ, ଉଚ୍ଛୃଙ୍ଖଳତା ଓ ସ୍ୱେଚ୍ଛାଚାରିତା। ସେଇ କାୟାକଳ୍ପକୁ ସମାଜ କହେ ନାରୀବାଦ; ଯାହାକୁ ମୁଁ ନାଁ ଦିଏ କବିତା- ମୋର ଆ ର୍ନାଦ, କ୍ଷୋଭ, କ୍ରୋଧ, ଅନ୍ତର୍ଦାହ ଓ ସାହସର ଅସରନ୍ତି ଯାତ୍ରା।

ଯେତେବେଳେ ଯେଉଁ ଭାବ ମତେ ଆଚ୍ଛନ୍ନ କରେ, ଆଲୋଡ଼ିତ କରେ, ଆନ୍ଦୋଳିତ କରେ ମୁଁ ସେଇ ଭାବର ମାଧ୍ୟମ ପାଲଟିଯାଏ। ଭାବ ଆପଣାଛାଏଁ କାଗଜ ଉପରେ ଉତୁରିପଡ଼େ। ସେତେବେଳେ ମୁଁ ନାରୀ ନୁହଁ, ମୁଁ ପୁରୁଷ ନୁହଁ, ମୁଁ ଏକ ସ । ସମ୍ବେଦନଶୀଳ ଅଥଚ ଅସଚେତନ। ପରେ ଅବଶ୍ୟ ଯେତେବେଳେ ମୁଁ ଲେଖାଟିକୁ ପଢ଼େ ଓ ମୋର ହୃଦ୍‌ବୋଧ ହୁଏ ଯେ ସବୁ ପରିଚ୍ଛନ୍ନ ସତ୍ୟ ଉଚ୍ଚାରିତ ହେବା ଉଚିତ୍ ନୁହେଁ ସେତେବେଳେ ମୁଁ ମୋ ଭିତରର ନାରୀ ସ ।କୁ ସାମ୍ନା କରେ ଓ ବିଚଳିତ ହୁଏ। ମୋର ସୃଜନଶୀଳତା / କଳାତ୍ମକତା ଓ ବାସ୍ତବତା ମଧ୍ୟରେ ସଂଘର୍ଷ ଆରମ୍ଭ ହୁଏ। ଯଦିଓ ମୋର ଏଇ ଲେଖା ପୁରୁଷକୁ ବିଦ୍ରୋହଭଳି ଲାଗେ, ସମାଜକୁ ନାରୀବାଦ ଭଳି ଲାଗେ ତେବେ ନା ମୁଁ କୌଣସି ବାଦରେ ଥାଏ ନା ଯୁଦ୍ଧକ୍ଷେତ୍ରରେ। ଯଦିଓ ମୁଁ ଜାଣେ ସର୍ଜନାର ଭୂମି ଯୁଦ୍ଧକ୍ଷେତ୍ର ନୁହେଁ କି ପ୍ରତିଦ୍ୱନ୍ଦ୍ୱିତାର କ୍ଷେତ୍ର ନୁହେଁ, ଏହା ପାରସ୍ପରିକ ବୁଝାମଣାର, ସହାବସ୍ଥାନର କ୍ଷେତ୍ର। ଏଠି ନାରୀ-ନାରୀ ନୁହଁ, ପୁରୁଷ-ପୁରୁଷ ନୁହଁ। ଏଠି ମଣିଷ ନାରୀ-ପୁରୁଷ ନିର୍ବିଶେଷରେ ଗୋଟିଏ ଏକକ ସ ।- ଯିଏ ସର୍ଜନା କାଳରେ କେବଳ ନାରୀ ସ ।। ଯେତେବେଳ ପର୍ଯ୍ୟନ୍ତ ସୃଷ୍ଟି କେବଳ ସ୍ୱତଃସ୍ଫୂ ର୍ତା ଓ ଆବେଗ ଦ୍ୱାରା ନିୟନ୍ତ୍ରିତ ହେଇଥାଏ ତାହା ମୌଳିକ ଓ ଯେତେବେଳେ ସଚେତନ ଚିନ୍ତାଧାରା, ବୌଦ୍ଧିକ କସରତ୍ ଦ୍ୱାରା ତାହାର ସୁଗଠିତ ପରିପ୍ରକାଶ ହୁଏ ହୁଏତ ସେତେବେଳେ ନାରୀ/ପୁରୁଷ ଭେଦରେ ସୃଷ୍ଟିର କଳାତ୍ମକତାରେ ପରିବ ର୍ନ ଆସିଥାଏ ଓ ତାହା ନିର୍ଦ୍ଦିଷ୍ଟ ଆଭିମୁଖ୍ୟସଂପନ୍ନ ବା କୌଣସି 'ବାଦ'(ଇଜ୍‌ମ୍)ର ଅନ୍ତର୍ଗତ ବା ନିର୍ଦ୍ଦିଷ୍ଟ ନାରୀ/ପୁରୁଷ ଲେଖା ବୋଲି ପରିଗଣିତ ହୋଇଥାଏ।

ହଁ, ସାହିତ୍ୟ କ୍ଷେତ୍ରରେ ମୁଁ କେବେବି କୌଣସି ରଚନାକୁ ନାରୀ/ ପୁରୁଷ ମନୋଭାବ ନେଇ ଲେଖେନି ଅବା ନାରୀ/ପୁରୁଷ ଭେଦରେ ଦେଖେନି। ବରଂ ମୋତେ ଲାଗେ ପ୍ରତ୍ୟକ୍ଷ ଅନୁଭୂତିର ସ୍ୱଚ୍ଛଳତା ଯୋଗୁଁ ପୁରୁଷଙ୍କ ଦୃଷ୍ଟିରେ, ଚିନ୍ତାଧାରାରେ, ଭାବ ଆଦାନପ୍ରଦାନରେ ଯେତିକି ବ୍ୟାପକତା ଦୃଷ୍ଟିଗୋଚର ହୁଏ ସେତିକି ବ୍ୟାପକତା ନାରୀମାନଙ୍କ ରଚନାରେ ଅପେକ୍ଷାକୃତ କମ୍ ଦେଖାଯାଇଥାଏ। ପୁନଶ୍ଚ ଲେଖାଲେଖିବେଳେ ବା ଲେଖିବାପାଇଁ ମନ ଉଚ୍ଚାଟିତ ହେଲାବେଳେ ସ୍ୱତନ୍ତ୍ର ସମୟ ଓ ସ୍ୱତନ୍ତ୍ର ପରିବେଶ ପାଇବା ପୁରୁଷପାଇଁ ଯେତିକି ସହଜ ହୋଇଥାଏ, ନାରୀପାଇଁ ସେତିକି ସହଜ ହୋଇନଥାଏ। ପୁଣି ଏହା କହିବାରେ କୁଣ୍ଠା ନାହିଁ ଯେ ପୁରୁଷ ନିଜ ରଚନାରେ ଯେକୌଣସି ବିଷୟବସ୍ତୁକୁ ଯେଭଳି ସାହସର ସହିତ ଉପସ୍ଥାପନ କରିପାରେ, ନାରୀ ଅନେକାଂଶରେ ସେଭଳି କରିପାରେ ନାହିଁ। ନିଜେ ଚାହୁଁଥିବା ଧାଡ଼ିମାନଙ୍କୁ, ଶବ୍ଦମାନଙ୍କୁ, ନିଜ ଅନ୍ତର୍ମନର ସତ୍ୟକୁ, ରୋକ୍‌ଠୋକ୍ କହିଦବାରେ ନାରୀର ସାହସ କୁଳାଏ ନାହିଁ। ଏଥିପାଇଁ କେବଳ ପାରିବାରିକ ଅଂକୁଶ ନୁହେଁ, ସାମାଜିକ ଅଂକୁଶ ବି ଥାଏ। ଗୋଟିଏ ସତ୍ ସୃଷ୍ଟିରୁ ସମସ୍ୱରରେ ସହସ୍ର ପ୍ରଶ୍ନ ଉଠେ- ଏହା କ'ଣ ତା' ନିଜ ଜୀବନର କଥା ? ତେଣୁ ମେଧା, ବୁଦ୍ଧି, ଜ୍ଞାନ, ସର୍ଜନଶୀଳତାରେ କୌଣସି ଗୁଣରେ ବି କମ୍ ହୋଇନଥିବା ନାରୀଟିଏ ଏଇଭଳି ଅନେକ କାରଣଯୋଗୁଁ ନିଜର ସୃଜନଶୀଳତା ସହ ସାଲିସ୍ କରିନିଏ।

ଏଇ ସାଲିସ୍ କରିବାର ଆବଶ୍ୟକତା-ଛଟପଟପଣ-ଅସ୍ଥିରତା-ଅସହାୟତା-ଉଦ୍‌ବେଳନ କେତେବେଳେ କୋଉ ବାଗରେ ମୋ କବିତାରେ ଉତୁରିପଡ଼େ। ଏମିତିକି ମୋର ପ୍ରେମ କବିତାଟିରେ ବି ପ୍ରଚ୍ଛନ୍ନଭାବରେ ଥାଏ ଏକ ବିଦ୍ରୋହର ସ୍ୱର, କାଚଖଣ୍ଡ ପରି କିଛି ଗୋଟାଏ ତଳେ ପଡ଼ି ଝଣ୍‌ଝାଣ୍ ଭାଂଗିପଡ଼ିବାର ଶବ୍ଦ। ହୋଇପାରେ ପୁରୁଷ ପ୍ରତି, ପରଂପରା ପ୍ରତି, ପ୍ରଚଳିତ ପ୍ରଥାପ୍ରତି ତାହା ମୋର ପ୍ରତିକ୍ରିୟାର ଏକ ଏକ ରୂପଚିତ୍ର। ହୋଇପାରେ କବିତା ଇ ମୋର ସବୁଠାରୁ ବଡ଼ ପ୍ରତିବାଦ, ସବୁଠାରୁ ବଡ଼ ଅସ୍ତ୍ର !

ତେବେ ମୁଁ ପୁରୁଷକୁ ଘୃଣା କରେନି- ଘୃଣା କରେ ପୁରୁଷର ଅଯଥା ଅହଂକୁ। ମୁଁ ପୁରୁଷକୁ ଈର୍ଷା କରେନି- ଈର୍ଷା କରେ ପୁରୁଷର ପବନଭଳି ପର୍ଯ୍ୟାପ୍ତ ସ୍ୱାଧୀନତାକୁ। ମୁଁ ପୁରୁଷକୁ ବିରୋଧ କରେନି- ବିରୋଧ କରେ ପୁରୁଷର ପ୍ରଭୁତ୍ୱ ଜାହିର ପ୍ରବୃ ିକୁ। ମୁଁ ପୁରୁଷକୁ ଅଭିସମ୍ପାତ୍ ଦିଏନି- ଅଭିସମ୍ପାତ୍ ଦିଏ ପୁରୁଷ ଭିତରେ ଥିବା ପଶୁତ୍ୱକୁ। ମୁଁ ପୁରୁଷକୁ ପ୍ରେମ କରେନି- ପ୍ରେମ କରେ ପୁରୁଷ ଭିତରର ସମ୍ବେଦନଶୀଳ ମାନବିକତାକୁ।

ମୁଁ ଓ ପୁରୁଷ ମଧ୍ୟରେ ବୈଷମ୍ୟ, ବ୍ୟବଧାନ ଓ ବନ୍ଧନ ମତେ ଲେଖିବାପାଇଁ, ଚିନ୍ତା କରିବାପାଇଁ ଉସ୍‌କାଏ। ମତେ ବିବଶ କରେ, ବ୍ୟତିବ୍ୟସ୍ତ କରେ। ଏହି ଲେଖିବା ହିଁ ମତେ ମୁକ୍ତି ଦିଏ। ମୋକ୍ଷ ପାଇଁ ମାର୍ଗ ତିଆରି କରେ।

ଏତିକି ବକ୍ତବ୍ୟ ମୋର। ଆପଣମାନେ ଏତେ ସମୟ ଧରି ମୋତେ ଶୁଣିଥିବାରୁ ଆପଣଙ୍କୁ ଧନ୍ୟବାଦ।

# ମୋ ଜୀବନ, ମୋ କବିତା

## ଗାୟତ୍ରୀବାଳା ପଣ୍ଡା

### (ଓଡ଼ିଶା ଲେଖିକାସଂସଦ ପକ୍ଷରୁ ସମ୍ବର୍ଦ୍ଧିତ ହେବା ଅବସରରେ ପ୍ରଦ    ଅଭିଭାଷଣ)

ଜୀବନ ବି କବିତା ପାଲଟିପାରେ, ଏକଥା ବୁଝିବାପୂର୍ବରୁ ମୁଁ ଯାହା ଲେଖୁଥିଲି ତାହା କଣ କବିତା ଥିଲା, ନା ଥିଲା ଗୀତ, ନା ଗୋଟେ ଗୁଣୁଗୁଣୁ ନା ମୋ ଆତ୍ମାର ଛପିଛାପିକା କୌତୁହଳ ! କେଜାଣି, କବିତା କଣ, ଗୀତ କଣ, ଗୁଣୁଗୁଣୁ କଣ, କୌତୁହଳ କଣ ବୁଝିବା ପୂର୍ବରୁ ମୁଁ ଯାହା କିଛି ବି ଲେଖୁଥିଲି ପଦକୁ ପଦ ପଢ଼ିଲାଭଳି, କେହି କୁଆଡ଼େ ନଥିଲାବେଳେ ତାକୁ ସ୍ୱର ପକେଇ ଗାଉଥିଲି । ଯାହାକୁ ଗୀତ କହୁଥିଲି । ସେଇ ଗୀତକୁ ପୁଣି ଅଂକଖାତାରୁ ( କାରଣ ଅଂକଖାତାଟି ସବୁଠୁ ମୋଟା ହୋଇଥାଏ) କାଗଜ ଚିରି ଲେଖୁଥିଲି ଓ ଶ୍ରେଣୀର କେତେଜଣ ପିଲାଙ୍କୁ ଗୋଟେ ଲେଖାଁ କପି ଧରେଇ ଦଉଥିଲି । ଖେଳଛୁଟିରେ ଅବା ଆର୍ଟ ପିରିୟଡ଼ରେ ତାକୁ ଗାଉଥିଲୁ, ମଜା ଲାଗୁଥିଲା ।

ଦିନେ ଦେଖିଲି “ଗଣେଶ ପୂଜା” ଶୀର୍ଷକରେ କବିତାଟିଏ “ମନପବନ” ପତ୍ରିକାର ପ୍ରଥମ ପୃଷ୍ଠାରେ ବାହାରିଛି । ସେ କବିତାଟି ମୁଁ ଲେଖିଥିଲି ଓ ଶ୍ରେଣୀରେ କିଛି ପିଲାଂକୁ ବାଣ୍ଟି ଦେଇଥିଲି । ମୁଁ ଏତେ ଖୁସି ହୋଇଗଲି ଯେ ବୁଲିବୁଲି ସମସ୍ତଙ୍କୁ ତାକୁ ଦେଖାଇଲି । ମାତ୍ର ସେ କବିତାଟି ଆଉ କେଉଁ ଜଣକ ନାଁରେ ବାହାରିଥିଲା । ବାଲେଶ୍ୱରର କେଉଁ ଠିକଣାରେ । ମୁଁ ଚମକିପଡ଼ିଲି । ସେତେବେଳଯାଏଁ ମୁଁ କବିତାଟିର ଲେଖକ ବା ତାଂକ ଠିକଣା ନ ଦେଖି ଏତେ ଖୁସି ହୋଇଯାଇଥିଲି । ମାତ୍ର କବିତାଟି ତ ମୁଁ ଲେଖିଛି । ଏ କଥା ସେଦିନ ମୁଁ କାହାକୁ ବୁଝାଇପାରିଲି ନାହିଁ । ଅଯଥା ସମସ୍ତିଙ୍କର ପରିହାସର ଶରବ୍ୟ ହେଲି । ମତେ ସେଦିନ ଖୁବ୍ ଲାଜ ଲାଗିଲା । କାଂଦ ବି । ନା, କାଂଦିପାରିଲି ନାହିଁ । କେତେ ବିକଳ ଦିଶିଥିଲି ସମୟ ପାଖରେ ସେଦିନ ! ମୋ ଆତ୍ମୀୟ, ବଂଧୁଙ୍କ ପାଖରେ ସେଦିନ ! ଆଜି ବି ଅନେକ ଛୋଟମୋଟ କଥାରେ କାଂଦି ଆସୁଆସୁ ଅଟକିଯାଏ ଏମିତି । ଏଇ ଅଟକିଯିବା ଇ କବିତା ପାଲଟିଯାଏ ।

ଥରେ ସ୍କୁଲରେ ପଢ଼ିଲାବେଳେ ରବି ସିଂଙ୍କର ‘ଲୁହାର ଓଡ଼ିଶା’ ଶୀର୍ଷକରେ କବିତାଟିଏ ଖବରକାଗଜରେ ବାହାରିଥାଏ । ବ୍ୟଂଗ କବିତାଟିଏ ସିନା, ଶକ୍ତିଶାଳୀ କବିତା । ମତେ ଭଲ ଲାଗୁଥାଏ ପଢ଼ିବାକୁ ତ ମୁଁ ତାକୁ ପେପରରୁ କାଟି ମୋ ପଢ଼ା ଟେବୁଲ୍ ଉପରେ ରଖିଥାଏ । ସେଦିନ ଜଣେ ସଂପର୍କୀୟା ଆସିଲେ ଆମ ଘରକୁ ଓ କବିତାଟି ଟେବୁଲ୍ ଉପରେ ଦେଖି କହିଲେ ପଢ଼ା ଟେବୁଲ୍ ଉପରେ କବିତା ରଖିଛୁ, କୌଣସି ଭଲ ପିଲାର ଲକ୍ଷଣ ନୁହଁ କବିତା ଲେଖିବା । ତେବେ କବିତା ଲେଖି କଣ ରବି ସିଂଙ୍କ ଭଳି ହୋଇପାରିବୁ... ! ବାଧିଲା । କବି ରବି ସିଂଙ୍କ ଭଳି କବିତା ଲେଖିବାର ସ୍ପର୍ଦ୍ଧା ମୋର ନଥିଲା ବା ନାହିଁ ମାତ୍ର ତାଂକ କବିତାର ଟାଣପଣ ମତେ ଭଲଲାଗେ । ତେବେ ମୁଁ କାହିଁକି କାହାଭଳି ହେବି-ମୁଁ ମୋ ନିଜଭଳି, କେବଳ ମୋଭଳି । ଏତିକି କଥା ମୋ ଅନ୍ତରାତ୍ମାରୁ ଯଦିଓ କହିଲା କେହିଜଣେ, ସେ ସ୍ୱର ଏତେ କ୍ଷୀଣ ଥିଲା ଯେ ତାହା ମତେ ଟପି ସେ ସଂପର୍କୀୟାଙ୍କ ଯାଏଁ ଆସିବାର ସାମର୍ଥ୍ୟ ବି ଜୁଟେଇ ପାରିନଥିଲା । ଅଥଚ ମୋ ଓଠଫାଙ୍କରେ ଉଇଁଲା ଧାରେ ହସ-ଦ୍ୱିତୀୟା ଜହ୍ନପରି, କବିତା ପରି । କବିତା କଣ ଏତେସବୁ ଙ୍ଗାରୁଜାପରେ ବି ହସିପାରେ !

ତେଣୁ କବିତାଠୁ ମୁଁ ଶିଖେ ବଂଚିବାର କଳା, ସବୁ ଅଘଟଣ ପରେ, ଙ୍ଗାରୁଜା ପରେ ବି ହସ ଚେନାଏ ଧରିରଖିବାର ମଂତ୍ର । ମୋ ପାଦକୁ ବଳ ଦିଏ କବିତା । ହୃଦୟକୁ ଶକ୍ତି, ଆତ୍ମାକୁ ଧୈର୍ଯ୍ୟ, ଆଖିଡୋଳାକୁ ଉଜ୍ଜ୍ୱଳ ସାହସ । ତେଣୁ ଏକୁଟିଆ ଚାଲିବାରେ ଡର ନଥାଏ । ଯେତେ ଲଂବା ରାସ୍ତା ମୁଁ ଏକୁଟିଆ ଚାଲିପାରେ ଅବିରାମ, ଅବିଶ୍ରାନ୍ତ । ସେ ରାସ୍ତା ପାଲଟିଯାଏ କବିତାର ।

କବିତା ମୋ ପାଇଁ ସ୍ୱପ୍ନପ୍ରବପଣତା କି ବିଳାସପ୍ରବଣତା ନୁହେଁ, ବରଂ ଛେଚି ହୋଇହୋଇ କ୍ଷୟ ହେଉଥିବା ଏକ ଯନ୍ତ୍ରଣା, ଏକ ପୀଡ଼ା, ଏକ ଅସହାୟତାବୋଧ । କବିତା ଲେଖିବା ମୋପାଇଁ ସଉକ୍ କି ଆଗ୍ରହ ନୁହେଁ,ଏକ ଜରୁରୀ ଆବଶ୍ୟକତା ଯାହା ଠିକ୍ ମୋ ନିଃଶ୍ୱାସପ୍ରଶ୍ୱାସଭଳି, ଯାହା ବିନା ମୁଁ ମୁର୍ଦ୍ଦାର, ଜଡ଼ । କବିତା ମୋପାଇଁ ଆପେଆପେ ଝରିଆସୁଥିବା ଧାରେ ଲୁହ, ଯିଏ ଝରିଆସିବାପରେ କିଛି ସମୟର ଆଶ୍ୱସ୍ତିରେ ମୁଁ ଆମୋଦିତ ହୁଏ, ପୁଲକିତ ହୁଏ, ପ୍ରାଣବନ୍ତ ହୁଏ । ନିଜ ଅନ୍ତର୍ଜଗତର ସୂକ୍ଷ୍ମ ଉଦ୍‌ବେଳନ ଯେମିତି ଯେଉଁ ବାଗରେ ଉତୁରି ପଡ଼େ କାଗଜ ଉପରେ, କବିତା ପାଲଟିଯାଏ ।

ମୋ କବିତା ବାସ୍ତବତା ସହିତ ଅଧିକ ଆତ୍ମିକ । ଏହାର ଅନେକ କାରଣ ରହିଛି । ଆମର ସାମାଜିକ ବ୍ୟବସ୍ଥା ଦିନକୁ ଦିନ ପରିବର୍ତ୍ତିତ ହେବାରେ ଲାଗିଛି । ଅର୍ଥନୈତିକ ସମୃଦ୍ଧି ଆଣିବାପାଇଁ ମଣିଷ ଦିନକୁ ଦିନ ଅଧିକ ଚାପ, ଅଧିକ ଅସ୍ଥିରତା, ଅଧିକ ଆତଂକ, ଅଧିକ ସ୍ୱପ୍ନର ଶୀକାର ହେଉଛି । ସେଇ ଧାଡ଼ିରେ ଅନ୍ୟ ସବୁ ମଣିଷଙ୍କ ଭଳି ଛିଡ଼ାହୋଇଚି ମୋଭଳି କବି-ମଣିଷଟି । ନିଜର ପ୍ରତିବାଦ ବ୍ୟକ୍ତ କରୁଛି । କବିତାରେ ନିଜର ଅସନ୍ତୋଷ, ପ୍ରତିବାଦ ବ୍ୟକ୍ତ କରିବା ଆଜିର ତରୁଣ କବି-ମଣିଷଟି ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଛି । ଅଥଚ ସେ ବନ୍ଧୁକ ଧରୁନାହିଁ, ରାଜରାସ୍ତାରେ ଶୋଭାଯାତ୍ରାରେ ସାମିଲ ହୋଇପାରୁନାହିଁ, ସ୍ଲୋଗାନ୍ ଦେଇପାରୁନାହିଁ, କି ଆଉ ଗୋଟିଏ ଦୁଃଖୀ ମଣିଷ ପାଖରେ ଛିଡ଼ାହୋଇ ତାର ଲୁହ ପୋଛିପାରୁନାହିଁ- କବିତା କେବଳ ତା’ ସପକ୍ଷରେ ଛିଡ଼ାହେଉଛି, ଦୁଃଖର, ଲଢ଼େଇର ସପକ୍ଷରେ ।

ପ୍ରତି ମୁହୂର୍ତ୍ତରେ ମୁଁ ଘାରି ହେଉଛି । ଏଇଥିପାଇଁ ଯେ କାହିଁକି ମୁଁ କିଛି କରିପାରୁନି ଯାହା ମୋର କରିବାର କଥା । କାହିଁକି ମୁଁ ସେଇସବୁ ଦୁର୍ଘଟଣା, ଅସୁନ୍ଦରପଣ, ଅବ୍ୟବସ୍ଥାଗୁଡ଼ିକୁ ସଜାଡ଼ିପାରୁନି ! ପୁଣି ନିଜକୁ ପଚାରୁଛି ଏସବୁ ସଜାଡ଼ିଦବାକୁ ମୁଁ କିଏ ? କେଡ଼େ ତୁଚ୍ଛ, ନଗଣ୍ୟ ମୋର ସତ୍ତା! କେଡ଼େ ସୀମିତ ମୋର ପାରିବାରପଣ । ମୋ ଭିତରେ ଏମିତି ଅନେକ ଦ୍ୱନ୍ଦ୍ୱ, ଅନେକ ପ୍ରଶ୍ନ, ଅନେକ ବିସ୍ମୟ-ଅସମାହିତ ରହିଯାଉଛି ।

ଯେତେବେଳେ ଛୋଟ ଝିଅଟିଏ ଅପ୍ରାପ୍ତ ବୟସରେ ବଳାତ୍କାରର ଶୀକାର ହୁଏ, ଯେତେବେଳେ ଗଣଧର୍ଷଣର ଶୀକାର

ହୋଇଥିବା ନାରୀଟିଏ ସମାଜରୁ ଓ ନିଜ ଭିତରୁ ବାଛନ୍ଦ ହୋଇପଡ଼େ, ଯେତେବେଳେ ଅଫିସ୍ ସାରି ଘରକୁ ଫେରୁଥିବା ଲୋକଟି ରାସ୍ତା ଦୁର୍ଘଟଣାରେ ପ୍ରାଣ ହରାଏ, ଯେତେବେଳେ ବୃଦ୍ଧ ବାପାମା'ଙ୍କୁ ଔଷଧ ଟିକେ ଯୋଗାଇପାରୁନଥାଏ ଶିକ୍ଷିତ ବେକାର ପୁଅଟି, ଯେତେବେଳେ ଶହଶହ ଶିଶୁ ପାଠପଢ଼ିବା ବୟସରେ ପାଲଟନ୍ତି ଶିଶୁଶ୍ରମିକ, ଯେତେବେଳେ ମଦ୍ୟପ ସ୍ୱାମୀଠାରୁ ନିଇତି ମାଡ଼ ଖାଉଥିବା ସ୍ତ୍ରୀଟି ଦିନେ ଆତ୍ମହତ୍ୟା କରିବାକୁ ବାଧ୍ୟ ହୁଏ, ଯେତେବେଳେ ରାଜନୈତିକ ଦଙ୍ଗା ପୋଛିନିଏ ଶହଶହ ନିରୀହ ଲୋକଙ୍କ ଜୀବନ, ଯେତେବେଳେ ଧର୍ମ ନାଁରେ ଚାଲୁରହେ ନିରୀହ ପଶୁମାନଙ୍କ ବଳି, ସେତେବେଳେ କ'ଣ କରିପାରେ ମୁଁ ମୋ କୋଠରୀରେ ବସିରହିବା ବ୍ୟତୀତ ? କେବଳ ଅସ୍ଥିର ପଦଚାରଣା ବ୍ୟତୀତ ? କେବଳ କବିତା ଲେଖିବା ବ୍ୟତୀତ ? କ'ଣ କରିପାରେ ମୁଁ ? ନା କାହା ଆଖିରୁ ଲୁହ, ନା କାହା ଭାଗ୍ୟରୁ ବିଡ଼ମ୍ବନା ଓ ଦୁର୍ଦ୍ଦଶା, ନା କାହା ମନରୁ ଆକ୍ରୋଶ ନା କାହା ଆତ୍ମାରୁ ଭୟଟିକକ ପୋଛିବାର କ୍ଷମତା ଓ ସାହସ ମୋର ଥାଏ ! କୋଉଠି କୋଉଠି ପହଂଚିପାରେ ମୁଁ! ନିଜର ଅସହାୟତା ସହିତ ଯୁଝିବା ଛଡ଼ା କ'ଣ ଆଉ କରିପାରେ !

ଯଦିଓ ମତେ ଲାଗେ ସମସ୍ୟା ସମାଧାନ କରିବା କବିର କାମ ନୁହେଁ । କେବଳ ପାଠକଙ୍କୁ କିଛି କ୍ଷଣ ନିଜର ଅନୁମାନ ଓ କଳ୍ପନା ସହିତ ଏକାକୀ ଛାଡ଼ିଦେଇ ଟିକିଏ ଚମକେଇ ଦବ, ତା' ଅନୁଭବ ଓ ଜ୍ଞାନର ଯାବତୀୟ ସମ୍ଭାବ୍ୟ ଦ୍ୱାର ଖୋଲିଦଉଥିବ । କୌଣସି ଯୁଦ୍ଧ, ସାଂପ୍ରଦାୟିକତା, ସଂତ୍ରାସ, ସାମାଜିକ ଓ ରାଜନୈତିକ ଅସ୍ଥିରତା, କୁସଂସ୍କାର, ବା ମଣିଷର ପୈଶାଚିକ ପ୍ରବୃତ୍ତିକୁ ପରାହତ କରିବାର କାମ ବି କବିତାର ନୁହେଁ । କବିତାର କାମ ହେଲା ପୃଥିବୀକୁ ନୂଆକରି ଦେଖିବାର ଭାବନା ଉଦୟ କରିବା । ନିଜକୁ ନିଜଭଳି ଭେଟିବା ।

ନା, କବିତା ଲେଖିବାପାଇଁ ମୁଁ କେବେ ମାର୍ଗ ଖୋଜି ଯାଇନି । ପ୍ରତିଥର ମାଧ୍ୟମ ପାଲଟିଯାଇଛି । ମୋର ବିଶ୍ୱାସ ମାର୍ଗ ଖୋଜିବସିଲେ ବା ଗଢ଼ିବସିଲେ କବିତା ଲେଖିହୁଏନା ବରଂ ଉପନ୍ୟାସ/ଗପ/ଗଦ୍ୟ ଲେଖିହୁଏ । ଅବଶ୍ୟ ଆତ୍ମ ଉପଲବ୍ଧିର ଅଭୀପ୍ସା ମତେ କବିତା ଲେଖାଇଛି କେବେକେବେ । ତେବେବି ସେଥିରେ ରହିଛି ସମକାଳୀନ ସମାଜର/ଜୀବନର ସମସ୍ୟା । ପ୍ରତୀକ ପ୍ରୟୋଗ କରିବା ଅପେକ୍ଷା ମୁଁ ଚାହିଁଛି ଦୃଶ୍ୟବୋଧ ବେଶୀ ରହୁ । ବାର୍ତ୍ତା ବା ସନ୍ଦେଶ ନ ରହୁ । ଉପସଂହାର ନ ରହୁ । କବିତା କୌଣସି ନିର୍ଦ୍ଦିଷ୍ଟ ଛାଂଚରେ ନ ରହୁ । ତେବେ ଅନେକ ସମୟରେ କବିତା ନିଜେ ଯେମିତି ଗଢ଼ିହେଇଛି ତାକୁ ଇ ଅବଧାରିତ ବୋଲି ମାନିନବାକୁ ହେଇଛି । ଯେଉଁ ସତ୍ୟକୁ କବିତା ପ୍ରକଟ କରିବାକୁ ଚାହିଁଛି ତାକୁ କେବଳ ଗୋଟିଏ ସମର୍ଥ କାବ୍ୟଭାଷା, ଉପଯୁକ୍ତ ଶୈଳୀ ଦବାର ଚେଷ୍ଟା ମୁଁ ଅବଶ୍ୟ କରିଛି ।

କୁନିପୁଅକୁ ସ୍କୁଲ୍ ୟୁନିଫର୍ମ ପିନ୍ଧଉପିନ୍ଧଉ ମୁଁ ତରବରରେ ଦୌଡ଼ିଯାଉଛି ଟେବୁଲ୍ ପାଖକୁ, କଲମ ଆଣି ଲେଖିପକଉଚି ଧାଡ଼ିଏ- ପୁଅ ଚିତ୍କାର କରୁଛି, ମାମା, ସ୍କୁଲ୍ ଡେରି ହେଇଯାଉଚି । ଡଙ୍କିରେ ତର୍କାରୀ ବାଢ଼ିବି କଣ, ଅନ୍ୟମନସ୍କହେଇ ହାତ ପୁରେଇ ଦଉଚି ଗରମ ତର୍କାରୀରେ ତ ସିଝିଯାଉଚି ହାତ, ବ୍ୟସ୍ତ ହେଉଛନ୍ତିପରିବାର ଲୋକ । ଔଷଧ ଦୋକାନୀକୁ ଔଷଧର ଲିଷ୍ଟ ବଢ଼ଉବଢ଼ଉ ମୁଁ ତାକୁ ଲିଷ୍ଟ ବଦଳରେ ଦେଇଛି ଟୁକୁଡ଼ା କବିତାର କାଗଜ,ସେ ବଲବଲହେଇ ଚାହୁଁଚି ମୋ ମୁହଁକୁ ତ ତାକୁ 'ସରି' କହି ବଢ଼ଉଚି ଔଷଧ ଲିଷ୍ଟ୍ । ଏମିତି ଅସରନ୍ତି ଉଦାହରଣ ଅନ୍ୟମନସ୍କତାର, କବିତାର-ଯାହାକୁ ବରଦାସ୍ତ କରୁଛନ୍ତି ମୋ ପରିବାର, ସ୍ୱାମୀ, ପୁଅ ଏବଂ ସଂସାର । ଅଥଚ କବିତାର ଏ ଜଂଜାଳକୁ ବରଦାସ୍ତ କରୁଚି ମୁଁ, କରିଚାଲିଚି । ଗୋଟେ ପ୍ରଚ୍ଛନ୍ନ ସୁଖିହେଇ ସେ ମୋ ଭିତରେ ଅଛି । ହଉପଛେ, ମୋ ଅନ୍ୟମନସ୍କତାରେ, ବାଉଳାପଣରେ, ପାଗଳାମିରେ । ଅଛି ତ । ମୃତ୍ୟୁପର୍ଯ୍ୟନ୍ତ ଲଂବିଥିବା ଆଉ ସରୁନଥିବା ରାସ୍ତାହେଇ ତ ଅଛି, ଅଛି ତ ମୁଣ୍ଡଉପରେ ଲିଭୁନଥିବା ତାରାଖଚିତ ଆକାଶ ହୋଇ ।

ଆଉ ସେଇଥିପାଇଁ ପ୍ରତି ମୁହୂର୍ତ୍ତରେ ମୁଁ ନିଜକୁ ଆବିଷ୍କାର କରିଚାଲିଛି । ପୁଣିଥରେ, ପୁଣିଥରେ, ପୁଣିଥରେ । ପୁନରାବୃତ୍ତି ହୋଇଚାଲିଛି କି ସେଇ ଗୋଟିଏ ମାତ୍ର ଉପଲବ୍ଧିର ! କୋଉ ଲକ୍ଷ୍ୟ ପଛରେ ଧାଇଁଛି ମୁଁ, କୋଉଠି ପହଂଚିବାର ଲକ୍ଷ୍ୟ ? କାହାକୁ ପାଇବାର ଲକ୍ଷ୍ୟ ? କୋଉ ତତ୍ତ୍ୱ କୋଉ ସିଦ୍ଧି, କୋଉ ମୁକ୍ତି, କୋଉ ନିର୍ବାଣ, କୋଉ ଉତ୍ତ୍ରାଣ ? ଅନବରତ ନିଜକୁ ପଚାରି ଚାଲିଛି ।

ଏ ପ୍ରଶ୍ନ ଯେତେଥର ମୁଁ ନିଜକୁ ପଚାରେ, ସେତେଥର ଗୋଟେ ସରୁନଥିବା ଆକୁଳତା, କୁଆଡ଼କୁ ବାଟ ପାଉନଥିବା ରାସ୍ତା ମତେ ଆକ୍ରାନ୍ତ କରେ, ଛଟପଟ କରେ । କବିତା ଲେଖିଲାବେଳେ ମୁଁ କାଳିସୀ ପାଲଟିଯାଏ । କବିତା ଲେଖିଲା ବେଳେ ମୁଁ କଇଁକଇଁ କାନ୍ଦ, କବିତା ଲେଖିଲାବେଳେ ମୁଁ ଗୋଟେ ଅଶରୀରୀ, କବିତା ଲେଖିଲାବେଳେ ମୁଁ ଗୋଟେ କରୁଣ ବିବଶତା । ଅତଏବ୍ ମୁଁ କବିତା କାହିଁକି ଲେଖେ ? କାହିଁକି ଅଶରୀରୀ ପାଲଟିବାକୁ ଇଚ୍ଛେ ? ସ୍ୱାମୀପିଲାର ସଂସାର, ସଂସାରର ମୋହମାୟା, ପାର୍ଥିବ ସଂପତ୍ତିଓ ସଂପର୍କ-ଏସବୁକୁ ଅଣଦେଖା କରି ନିଜକୁ ଅନ୍ୟ ଏକ ଭାବଜଗତରେ ବୁଡ଼େଇରଖିବା କି ଦର୍କାର ?

ଏମିତି ହଜାରେ ପ୍ରଶ୍ନ ମୁଁ ନିଜକୁ ପଚାରେ । ନା । ମୁଁ କବିତା ଲେଖେନାହିଁ-କବିତା ମୋତେ ଲେଖେଇନିଏ । କବିତା ଲେଖିଲାବେଳେ ମୁଁ ମୋ ଅକ୍ତିଆରରେ ନଥାଏ । ଗର୍ଭଯନ୍ତ୍ରଣାରୁ ମୁକ୍ତି ପାଇବାକୁ ବିକଳ ହେଲାଭଳି ଗୋଟେ ବିକଳପଣ କବଳରୁ ମୁକ୍ତି ପାଇବାପାଇଁ ମୁଁ ବରାବର ସଂଗ୍ରାମ କରୁଥାଏ । କାହାର ଦୁଃଖ, କାହାର ଅସହାୟତା, କାହାର ବିକଳପଣ, କାହାର ବର୍ବରତା, କାହାର ବିଶ୍ୱାସଘାତକତା, ଯାବତ୍ ଅନ୍ୟାୟ, ଅବ୍ୟବସ୍ଥା, ଅସୁନ୍ଦରପଣକୁ ଦେଖିଦେଖି ମୁଁ ଦୁଃଖୀ ପାଲଟୁଥାଏ, ନିଆଁ ପାଲଟୁଥାଏ, କ୍ଷୋଭ ପାଲଟୁଥାଏ ।

ସେଇ ଦୁଃଖ, ନିଆଁ ଓ କ୍ଷୋଭ ଇ ମୋର କବିତା ।

ନା । ଶହେ ପ୍ରତିଶତ ଆୟୋଜନକରି ମୁଁ କବିତା ଲେଖେନି । କୌଣସି ଛାଂଚ ଗଢ଼େନି । ପୋଛିପାରିନଥିବା କାନ୍ଦର ଅବଶିଷ୍ଟାଂଶ ମୋ କବିତା । ଗୋଟେ ସ୍ୱତଃସ୍ଫୂର୍ତ୍ତପ୍ରବାହ, ନଈପରି ବହିଯାଉଥିବା ଆବେଗ । ନିଆଁପରି ସଂଚରି ଯାଉଥିବା କ୍ରୋଧ । ଖରାପରି ବିଛାଡ଼ି ପଡୁଥିବା କ୍ଷୋଭ । ଏସବୁକୁ ନେଇ କବିତା ଆପେ ଗଢ଼ିହେଇଯାଏ ।

ନା । ଅନ୍ୟ କୌଣସି ପାର୍ଥିବ ମୋହର ଦାୟରେ ପକ୍ଷୀପରି ମୁଁ ଫୁରକିନା ଉଡ଼ିଯାଇପାରେନି କବିତା ପାଖରୁ । ବରଂ ପଡ଼ିରହେ ପଥରଟି ପରି ଯୁଗବତ୍ । ମୁକ୍ତି କାମନା କରୁଥାଏ ତ ଶବ୍ଦ ପାଖରୁ । ଶବ୍ଦର ପାଦସ୍ପର୍ଶରେ ମୁକୁଳି ଯିବି କି କେବେ ପଥର ରୂପରୁ । ନା, ପୁଣି ସେ ମୁକ୍ତି ବି ଟିକକରେ ଲୋଡ଼େନାଇଁ । ହୋଇଯାଏ ଅନ୍ୟମନସ୍କ । ସେଇ ଅନ୍ୟମନସ୍କତା ଫାଙ୍କା ଆକାଶପରି ଶୂନ୍ୟ, ବିସ୍ତାରିତ । ସେଇ ଶୂନ୍ୟତା ଇ କବିତା । ଆଖିପାଉନଥିବା ଗୋଟେ ଆକାଶ- ଅନୁଭବର, ଚକିତ ଉପଲବ୍ଧିର । ଗୋଟେ ଲିଭୁନଥିବା ତାରାର ଆକାଶ ଇ

କବିତା । ସେ ତାରା ମୋର ସାରା ଆୟୁଷ୍କାଳର ଛୋଟିଆ ଉପଲବ୍ଧିଟାଏ କି !

କେବେକେବେ ନିଦରୁ ଉଠିପଡ଼େ । ଚାଲେ, ଚାଲେ ଆଉ ଚାଲେ । ଚାଲିଚାଲି କୋଉଠି ପହଂଚେ ? ନା ଆରମ୍ଭ ଥାଏ ନା ଶେଷ । ସେଇ ମଝି ଅଂଶର ଚାଲିବା ଇ କବିତା । ସକାଳକୁ ସେଇ ରାସ୍ତା ପାଲଟିଯାଇଥାଏ କବିତାର ବଂକାତେଢ଼ା ଧାଡ଼ି । ମୁଁ ତାକୁ ସଜାଡ଼ିବାରେ ଲାଗିଯାଏ । କେବଳ କେଇଟି ଶବ୍ଦ ଅଦଳବଦଳ କରେ । ତା' ପୁଣି ମନମାଫିକ୍ ନୁହେଁ । ସବୁବେଳେ ନିଅଂଟିଆ ଭାବ ମତେ ଘାରେ । କଣ କଣ ଲେଖିବାକୁ ଭାବିଥିଲି । କେତେବେଳେ ଶବ୍ଦ କୁଳାଏନା ତ କେବେ ଅର୍ଥ, ପୁଣି କେବେ ଭାଗ୍ୟ । ଘାରିହୁଏ- ଏୟା କଣ ତେବେ ମୁଁ ଲେଖିବାକୁ ଚାହିଁଥିଲି ? ଏୟା କଣ ମୁଁ ଭୋଗିବାକୁ ଥିବା ନିୟତି ? କୋଉ ଛଳରେ କୋଉଠୁ ପଶିଆସିଲା ଏତେ ଆବର୍ଜନା, ଏତେ ଜଂଜାଳ । ବାସ୍, ବନ୍ଦ୍ କରିଦିଏ ଡାଏରୀର ପୃଷ୍ଠା । କାନ୍ଦ୍‌କାନ୍ଦ୍ ଦିଶେ ।

ପୁଣି କିଛି ଦିନ ଯାଏ । ନିଜକୁ ପଚାରେ । ମୁଁ କବିତା କାହିଁକି ଲେଖେ ?କବିତା ଲେଖିଲେ କଣ ମିଳିବ ? ମୋ ପାଖପଡ଼ୋଶୀ ଜାଣନ୍ତି ନାଇଁ ମୁଁ କବିତା ଲେଖେ । ଅଥଚ ନିଇତି ରାତି ପାହିଲେ ସେମାନଙ୍କ ସ' ଚଳପ୍ରଚଳ । ଯୋଉ ମାଛବାଲାଠୁ ମୁଁ ମାଛ ରଖେ, ସେ ଜାଣେନାଇଁ ମୁଁ କବିତା ଲେଖେ । ଯୋଉ ହକର୍ ନିଇତି ସକାଳୁ ମୋ ବାଲକୋନୀରେ ଖବରକାଗଜ ଫିଙ୍ଗି ଦେଇଯାଏ, ସେ ବି ଜାଣେନି ମୁଁ କବିତା ଲେଖେ । ଯୋଉ ଛୋଟଛୋଟ ପିଲାମାନେ ମୋ ଘର ସାମ୍ନା ପଡ଼ିଆରେ ଲୁଚକାଳି ଖେଳନ୍ତି, ସେମାନେ ଜାଣନ୍ତିନି ମୁଁ କବିତା ଲେଖେ । ଯୋଉ ଡାକବାଲା ମୋ ନାଁରେ ଗଦାଗଦା ଚିଠି ନେଇ ଆସେ, ସେ ବି କଣ ଜାଣେ ମୁଁ କବିତା ଲେଖୁଥିବା କଥା ! କେବେ ପଢ଼ିଥିବ କି ସେ ମୋ କବିତା କୋଉ ପତ୍ରପତ୍ରିକାରୁ, ଖବରକାଗଜ ପୃଷ୍ଠାରୁ ? ତେବେ ମୁଁ କବିତା କାହିଁକି ଲେଖୁଚି ? ଏ ପ୍ରଶ୍ନ ନିଜକୁ ପଚାରି ଚାଲିଥାଏ ମୁଁ ।

ଆଉ ସବୁଠୁ ସଂତୋଷଜନକ ଉତ୍ତର ବୋଧହୁଏ ଏୟା ଯେ କବିତା ମୁଁ ନିଜପାଇଁ ଲେଖୁଚି ।/ଲେଖେ । ମନ ଭଲ ନଲାଗିଲେ କିଏ ଗୀତ ଶୁଣେ, କିଏ ସିନେମା ଯାଏ, ମନ୍ଦିର ଯାଏ, ସମୁଦ୍ରକୂଳ ଯାଏ, ବଜାର ଯାଏ, ପାର୍କ ଯାଏ, ଅପେରା ଯାଏ - ମୁଁ ଚୁପ୍‌କିନା ଆସି ଟେବୁଲ ପାଖରେ ବସେ । ଘଣ୍ଟେ ଦି' ଘଣ୍ଟା, ତିନି ଘଣ୍ଟା...କେଜାଣି କେତେ ସମୟ । ଖାତା ମେଲାଏ ଓ ଏଣୁତେଣୁ ଗାରାଏ । ବାଉଳାରେ, ମାତାଲପଣରେ, ଉଚ୍ଚାଟ, ଅସ୍ଥିର, ଉନ୍ମାଦପ୍ରାୟ । ସେଇ ବାଇଆପଣ, ସେଇ ଅସ୍ଥିରତାକୁ କବିତା ନାଁରେ ଡାକେ । ମୁଁ ଡାକେ, ଦୁନିଆ ଡାକେ । ଦୁନିଆ ମାନେ ଗୋଟିଏ ସଚେତନ ପାଠକଗୋଷ୍ଠୀ । ନିର୍ଦ୍ଦିଷ୍ଟ, ନିରପେକ୍ଷ । ଯେମିତି ତାମିଲ, ତେଲୁଗୁ କି ଫରାସୀ, କି ଯେକୌଣସି ଭାଷା ବୁଝିବାକୁ/କହିବାକୁ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଶ୍ରେଣୀର ଲୋକ ଥାନ୍ତି, ସେହିଭଳି କବିତାର ବି ଗୋଟିଏ ନିର୍ଦ୍ଦିଷ୍ଟ ଶ୍ରେଣୀର ପାଠକଗୋଷ୍ଠୀ ଥାନ୍ତି । ଯିଏ କବିତାକୁ କବିତାପରି ବୁଝନ୍ତି । ସମସ୍ତେ ବୁଝନ୍ତି ନାଇଁ । ହୋଇପାରେ ସେଇ ନିର୍ଦ୍ଦିଷ୍ଟ ପାଠକଗୋଷ୍ଠୀଙ୍କ ପାଇଁ ମୁଁ ଲେଖେ ।

ଆଉ କେବେକେବେ ମୁଁ ଲେଖେ ପରିସ୍ଥିତିର ତାଡ଼ନାରେ । ଯଦିଓ ଜାଣେ ସେ କବିତା ଯାହାପାଇଁ ଲେଖାଯାଇଛି, ସେ କେବେବି ପଢ଼ିବନାଇଁ ଏ କବିତା-ତଥାପି ମୁଁ ଲେଖେ(ବୋଧହୁଏ ଏଇଥିପାଇଁ ଯେ ମୁଁ ତାର ଦୁଃଖରେ, କାନ୍ଦରେ, ଅଭାବରେ ସହଭାଗୀ, ତାକୁ ଆଶ୍ୱାସନା ଦବାକୁ ଚାହୁଁଚି, ତା' ଦୁଆର ଖଡ଼୍‌ଖଡ଼୍ କରି ତା' ଘର ଭିତରକୁ ଯିବାକୁ ଚାହୁଁଚି, ଚାହୁଁଚି ତାକୁ କହିବି-ଦୁଃଖ କରନା ମଣିଷ, କାନ୍ଦନା, ମୁଁ ତୋ ସାଂଗରେ ଅଛି । ତୁ ଯୁଦ୍ଧ କର କି ଉତ୍ସବ ପାଳ, ଶସ୍ୟ ଉପୁଜା କି ସ୍ଲୋଗାନ୍ ଦେ ମୁଁ ତୋ ପାଦ ସହ ପାଦ ମିଳେଇ ଚାଲିବାକୁ ପ୍ରସ୍ତୁତ ଅଛି ।)

ଏତିକି କଥା ମୁଁ ରୋକ୍‌ଠୋକ୍ କହିପାରେ-ରାସ୍ତା ଉପରେ, ସଭାରେ, ଜଙ୍ଗଲରେ, ମଞ୍ଚରେ । କହେ ଓ ଲେଖେ । ଯୋଉଥିରେ ଛଳନା ନଥାଏ, ବୌଦ୍ଧିକତା ନଥାଏ, ଚଲାକି ନଥାଏ, ଥାଏ ଆବେଗଟିଏ । ମଣିଷକୁ ମଣିଷ ପରି ବୁଝିବାର । ତେଣୁ ଲେଖେ । ଯାହାକୁ ଆପଣମାନେ କହନ୍ତି କବିତା- ମତେ ଲାଗେ ସେ କବିତା ନୁହଁ, ଆଦୌ ସରୁନଥିବା ଗୋଟେ ଭୟଙ୍କର ଯାତ୍ରା !

ମତେ ଲାଗେ ନିଷ୍ଠା ନଥିଲେ କବିତା ଲେଖିହୁଏ ନାହିଁ । ହୃଦୟ ନଥିଲେ ବି । ଠିକ୍ ସେମିତି ଅନାବିଳ ଆବେଗ, ଅନ୍ତରର ଶୁଦ୍ଧତା ଓ ଅସ୍ଥିରତା । ଘାରିହବାପଣ । ଏସବୁ ଜିନିଷ ମୋ ଭିତରେ ଅଛି । ଖୁବ୍ ଛୋଟ ଛୋଟ ଜିନିଷକୁ ନେଇ ଘାରିହବା । ଏସବୁ ଭଲନୁହଁ ବୋଲି ମୋ ପରିବାର କହେ, ସଂସାର କହେ । ମୁଁ ବି ବୁଝେ । ମାତ୍ର କବିତା ବୁଝେନା । ମୁଁ କବିତାକୁ ଭଲପାଏ ଓ କବିତା ଯେମିତି ତାକୁ ସେମିତି ଗ୍ରହଣ କରେ । କବିତାକୁ ଭଲପାଇବା ଦ୍ୱାରା ମୁଁ ଜୀବନକୁ ବୋଧହୁଏ ଅଧିକ ଅନ୍ତରଂଗ ଭାବରେ ଭୋଗିଛି, ଭୋଗୁଛି । ଅର୍ଥ, ଯଶ, ପ୍ରାପ୍ତିର ଉର୍ଦ୍ଧ୍ୱରେ ମୋର କବିତା- ଅସନ୍ତୋଷ, ଅସହାୟତା, ଅସଫଳତା, କ୍ଷୋଭ, କ୍ରୋଧ, କାରୁଣ୍ୟ ଓ କାନ୍ଦର ପ୍ରତିରୂପ ହେଇ ଛିଡ଼ାହେଲେ ବି ସେ ମୋ ସ୍ପନ୍ଦନ ପାଲଟିଛି । ସ୍ପନ୍ଦିତ ମୁହୂର୍ତ୍ତର ସ୍ପର୍ଦ୍ଧିତ ଉଚ୍ଚାରଣ ପାଲଟିଛି । ବୈରାଗ୍ୟ ଥିଲେ ବି ହୃଦୟ ସ୍ପନ୍ଦିତ ହେଉଛି । କ୍ଲାନ୍ତି ନାହିଁ-ଆଶା ଅଛି, ସମ୍ଭାବନା ଅଛି ।

# ଯୁବ ଲେଖିକା ଓ ନାରୀ ସଶକ୍ତିକରଣ

## ଗାୟତ୍ରୀବାଳା ପଣ୍ଡା

## (ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଅଲ୍ ଇଣ୍ଡିଆ ରେଡ଼ିଓ, କଟକଙ୍କ ପକ୍ଷରୁ ପ୍ରଚାରିତ)

ନାରୀ ସଶକ୍ତିକରଣ କହିଲେ କ'ଣ ? ଏ ପ୍ରଶ୍ନଟି ମୁଁ ବହୁବାର ନିଜକୁ ପଚାରେ। ଆନ୍ଦୋଳିତ ହୁଏ ଆଲୋଡ଼ିତ ହୁଏ, ଆକ୍ରାନ୍ତ ହୁଏ। ଏ ପ୍ରଶ୍ନଟିର ଗୋଟିଏ ସର୍ବସମ୍ମତ ସଂଜ୍ଞା ବା ଯଥାଯୋଗ୍ୟ ଉତ୍ତର ମୁଁ ଖୋଜି ପାଏନାହିଁ। ସଶକ୍ତିକରଣର ମାନେ ସ୍ୱାଧୀନତା କି ? ଯେତେବେଳେ ଏ ପ୍ରଶ୍ନଟି ଆସେ, ତା' ସହିତ ଯୋଡ଼ିହୋଇଯାଏ ଆଉରି ଅନେକ ପ୍ରଶ୍ନ, ଯେମିତିକି ଅର୍ଥନୈତିକ ସ୍ୱାଧୀନତା, ମାନସିକ ସ୍ୱାଧୀନତା, ଦୈହିକ ସ୍ୱାଧୀନତା ନା ସାମାଜିକ ସ୍ୱାଧୀନତା। ପୁଣି ଆସେ ସୃଜନ ସ୍ୱାଧୀନତା। ତେବେ ଆତ୍ମିକ, ଦୈହିକ, ଅର୍ଥନୈତିକ, ମାନସିକ, ଓ ସାମାଜିକ - ପ୍ରତ୍ୟେକ କ୍ଷେତ୍ରରେ ନାରୀଟିଏ ମୁକ୍ତ ଓ ସ୍ୱାଧୀନ ହୋଇପାରିବା ଯଦି ନାରୀ ସଶକ୍ତିକରଣ ବୁଝାଯାଏ, ତାହେଲେ ଆଜିର ନାରୀ ସତରେ ସଶକ୍ତ କି ?

ଏଇ ପ୍ରଶ୍ନରେ ମୋପରି ପ୍ରତ୍ୟେକ ଯୁବ ଲେଖିକା ଘାରି ହୁଅନ୍ତି। ସ୍ୱାଧୀନତାର ଅର୍ଥ ଏତେ ବ୍ୟାପକ ଯେ ସ୍ୱାଧୀନତା କାହାପାଇଁ କିପରି ତା'ର ଆକଳନ କରିବା କଷ୍ଟ। ଆଜିର ସମାଜର ଦ୍ରୁତ ପରିବର୍ତ୍ତନଶୀଳ ଜୀବନଶୈଳୀ ସମକାଳର ନାରୀଙ୍କର ଜୀବନଶୈଳୀକୁ ପ୍ରଭାବିତ କରିଛି। ପାରମ୍ପରିକ ନାରୀବୋଧ ଓ ସାମାଜିକ ସଂରଚନାରେ ବି ପରିବର୍ତ୍ତନ ଆସିଛି। ଜଗତିକରଣ, ଉପଭୋକ୍ତାବାଦୀ ସଂସ୍କୃତି, ଉଚ୍ଚ ଶିକ୍ଷା, ଆତ୍ମନିଯୁକ୍ତି, ଉତ୍ତର ଆଧୁନିକୀୟ ଚିନ୍ତାବସ୍ଥା ଯଦିଓ ନାରୀକୁ ନିଜର ଅସ୍ତିତ୍ୱ ଓ ସ୍ଥିତି ସମ୍ବନ୍ଧରେ ଅଧିକ ସଚେତନଶୀଳ କରାଇଛି, ମାତ୍ର ତାହା ଆଖିଦୃଶିଆ ନୁହେଁ। ହୁଏତ ନାରୀର ଆର୍ଥିକ-ସାମାଜିକ ସ୍ଥିତିରେ ସମୃଦ୍ଧି ଘଟିଛି, ମାତ୍ର ସମାଜର ମାନସିକତାରେ ପୂର୍ବାବସ୍ଥା ବଜାୟ ରହିଛି। ନାରୀ ନିର୍ଯ୍ୟାତନା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଯୌତୁକ ନିର୍ଯ୍ୟାତନା, ଶିଶୁ କନ୍ୟାଭ୍ରୁଣ ହତ୍ୟା, ଧର୍ଷଣ ଯେଉଁ ମାତ୍ରାରେ ବଢ଼ିଚାଲିଛି, ସେଠାରେ ନାରୀ ସ୍ୱାଧୀନତା ବା ସଶକ୍ତିକରଣ ଏକ ଫମ୍ପା ଆବାଜରେ ପରିଣତ ହୋଇଛି।

ଆଜିର ଯୁବ ଲେଖିକା ନାରୀର ସ୍ଥିତିକୁ ନେଇ ନିଜ ଲେଖା ମାଧ୍ୟମରେ ସାମାଜିକ ସଚେତନତା ଆଣିବାରେ ନିଜର ପ୍ରୟାସ ଜାରି ରଖିଛନ୍ତି। ଯେତେବେଳେ ବି ନାରୀ ସଶକ୍ତିକରଣର କଥା ଉଠିଛି, ମୋ ଚେତନାରେ ଶବ୍ଦ ନୁହଁ, ଅସଂଖ୍ୟ ନାରୀଙ୍କ ପୀଡ଼ା ତଳର ପାଉଁଶ ଉର୍ଦ୍ଧ୍ୱ ହୋଇଯିବାଭଳି ମନେହୋଇଛି। ଯେକୌଣସି ବୟସରେ ନାନାଦି କାରଣରୁ ନିର୍ଯ୍ୟାତନା ଭୋଗିଥିବା, ଶୋଷଣ ଓ ଉତ୍ପୀଡ଼ନର ଶୀକାର ହୋଇ ନ୍ୟାୟପାଇଁ ଅଦାଲତରୁ ଅଦାଲତକୁ ଦୌଡୁଥିବା, କେହି କେହି ଭାଗ୍ୟ ଆଦରି ଲୁହ ପୋଛି ପକଉଥିବା ଏବଂ ପ୍ରତିଟି ଅଘଟଣ ପରେ କାନ୍ଦିନପାରି ନୀରବ ରହିଯାଉଥିବା ଭଳି ନାରୀ(ଏଭଳିକି ନାବାଳିକା ଝିଅ କି ଶିଶୁକନ୍ୟା ବି)ମାନଙ୍କର ଲୁହର ଉତ୍ତାପ ମତେ ସବୁବେଳେ ଆନ୍ଦୋଳିତ କରିଛି। ଅସଂଖ୍ୟ ଲଜ୍ଜାକର ଘଟଣା ଖବରକାଗଜରୁ ପଢ଼ି ବା ଟିଭିରୁ ଦେଖି କିଛି ସମୟ ପାଇଁ ସ୍ତବ୍ଧ ,ଚକିତ ହୋଇଗଲେ ବି ପର ମୁହୂର୍ତ୍ତରେ ତାକୁ ପାସୋରି ଦେବା ମଣିଷର ଅଭ୍ୟାସରେ ପଡ଼ିଯାଇଛି। ଆମ ଦୈନନ୍ଦିନ ଜୀବନରେ ନାରୀମାନଙ୍କୁ ନେଇ ଘଟିଯାଉଥିବା ଶହଶହ ବୀଭତ୍ସ ଦୁର୍ଘଟଣାରେ ସମାଜ ପ୍ରତିକ୍ରିୟାହୀନ ହୋଇ ରହିଯାଉଛି। ନାରୀସତ୍ତା ଦିନକୁ ଦିନ ଆହୁରି ଦୁଃସ୍ଥ ହୋଇପଡୁଥିଲାବେଳେ ନାରୀ-ପ୍ରଗତିର ମିଛ ଧେଣ୍ଡୁରା ପିଟିବାରେ ବ୍ୟସ୍ତ ରହୁଛି ପୁରୁଷତାନ୍ତ୍ରିକ ସମାଜ।

କେତେକଙ୍କପାଇଁ ଏହା ଦେହସୁହା ହୋଇଯାଇଥିବାବେଳେ, କେତେକ ଏହାକୁ ତୁଚ୍ଛା ନାରୀବାଦ କହି ପ୍ରସଙ୍ଗ ବଦଳେଇବାରେ ବ୍ୟସ୍ତ। ଆଉ କେତେକ ଏହାକୁ ପରମ୍ପରା ବା ନୀତିନିୟମ କହି ଏଡ଼େଇ ଯାଉଛନ୍ତି। ଆଜିର ଯୁଗରେ ଶିକ୍ଷିତା ଓ ଉପାର୍ଜନକ୍ଷମ ନାରୀଟିଏ ବି ଭବିଷ୍ୟତ, ପରିବାରର ପ୍ରତିଷ୍ଠା ଭୟରେ ନିଜକୁ ବ୍ୟକ୍ତି ଭାବରେ ଆବିଷ୍କାର କରିପାରୁନାହିଁ, ବରଂ ପୁରୁଷର ଅହଂକୁ ତୋଷଣ କରିଚାଲୁଛି। ତେଣୁ ସଶକ୍ତିକରଣ ବିଡ଼ମ୍ବନା ହୋଇ ରହିଯାଇଛି।

ପୁରୁଷ ଲେଖନୀ ଅପେକ୍ଷା ନାରୀଟିଏ ହିଁ ନାରୀର ସମସ୍ୟାକୁ ଅଧିକ ଗୁରୁତ୍ୱର ସହ ତା' ଲେଖାରେ ଫୁଟେଇଥାଏ। ସମାଜରେ ବ୍ୟାପକ ସ୍ତରରେ କିଛି ପରିବର୍ତ୍ତନ କି ସଂସ୍କାର ଆସିବାର ଆଶା ଚରିତାର୍ଥ କରିବାପାଇଁ ନୁହଁ, ସେ ଚାହେଁ ସମାଜ ତାର ଏ ଲେଖାକୁ ଅନ୍ତତଃ ପଢୁ। ଲଜ୍ଜାଜର୍ଜର ସେଇ କ୍ଷତଚିହ୍ନଟି ଲୁଚିକରି ହଉପଛେ, ସମାଜ ଦେଖୁ। ଯୋଉ ସମାଜ ନାରୀର ସ୍ୱାଧୀନତାକୁ ସ୍ୱେଚ୍ଛାଚାରିତା କହେ, ଅଧିକାର ସାବ୍ୟସ୍ତ ଲଢ଼େଇକୁ ଉଚ୍ଛୃଙ୍ଖଳତା କହେ, ସମସ୍ୟା ଓ ଯନ୍ତ୍ରଣା ବ୍ୟକ୍ତ ହୋଇଥିବା ଲେଖାକୁ ନାରୀବାଦ କହି ତାସଲ୍ୟ ଫିଙ୍ଗେ, ସେ ତଥାକଥିତ ସମାଜ କେବେବି ଗୋଟିଏ ନାରୀର ବୁଦ୍ଧି, ବିବେକ, ଭଲପାଇବାର କ୍ଷମତା, ତ୍ୟାଗ, ସହନଶୀଳତା, ଧୈର୍ଯ୍ୟ ସର୍ବୋପରି ବ୍ୟକ୍ତିତ୍ୱକୁ ମର୍ଯ୍ୟାଦା ଦବାକୁ ଇଚ୍ଛା କରେନାହିଁ। ନାରୀପ୍ରତି ସେଇ ରକ୍ଷଣଶୀଳ ସମାଜିକ ଦୃଷ୍ଟିଭଂଗୀରେ ପରିବର୍ତ୍ତନ ପାଇଁ ଆଜିର ଯୁବ ଲେଖିକା ନିଜ କଲମ ଚାଳନାରେ ବ୍ୟସ୍ତ। ନିଜ ବକ୍ତବ୍ୟକୁ ରୋକ୍‌ଠୋକ୍ ଭାବରେ ପ୍ରକାଶ କରିବା, ନାରୀର ଅସୀମ ଶକ୍ତିମତ୍ତାର ପରିଚୟ ପ୍ରଦାନ କରିବା ସହ ସାମାଜିକ ସଚେତନତା ସୃଷ୍ଟି ଦିଗରେ ନିଜର ପ୍ରୟାସ ଅବ୍ୟାହତ ରଖିଛନ୍ତି ଆଜିର ଯୁବ ଲେଖିକା। ଯଦିଓ ବାମାବାଦୀ ସାହିତ୍ୟ ଓଡ଼ିଆ ସାହିତ୍ୟରେ ସେଭଳି ଗ୍ରହଣୀୟ ହୋଇପାରିନାହିଁ। ଆଜି ବି ନାରୀ ଚେତନାର ଆହୁରି ଅନେକ ଦିଗ, ଅନେକ ପ୍ରସ୍ଥ, ଅନେକ ଗୋପନୀୟ କଥା ଉନ୍ମୁକ୍ତ ହୋଇପାରିନାହିଁ। ଯେପର୍ଯ୍ୟନ୍ତ ସାମାଜିକ ବ୍ୟବସ୍ଥା ଓ ବ୍ୟକ୍ତି ମାନସିକତାରେ ପରିବର୍ତ୍ତନ ନ ଆସିଛି, ସେପର୍ଯ୍ୟନ୍ତ ଏହା ସମ୍ଭବ ନୁହେଁ। କିନ୍ତୁ ଆଜିକାଲି ଆମର ଅନେକ ଲେଖିକା ନାରୀ ଚେତନାର ଅନେକ ଅନାଲୋଚିତ ଦିଗ ସମ୍ବନ୍ଧରେ କହିବାକୁ ପ୍ରୟାସ କଲେଣି। ଭବିଷ୍ୟତରେ ଏ ଦିଗଟି ଆହୁରି ଫର୍ଚ୍ଚା ଦିଶିବାର ସମ୍ଭାବନା ଅଛି।

ମୋ କ୍ଷେତ୍ରରେ ନାରୀର ହର୍ଷ, ବିଷାଦ, ଯନ୍ତ୍ରଣା, ଦୁର୍ଦ୍ଦଶା ସ୍ୱତଃସ୍ଫୁର୍ତ୍ତ ଭାବରେ ମୋ କବିତାରେ ଆସିଛି। ଯେଉଁଠି ନାରୀଟିଏ ଅପମାନିତ / ଅତ୍ୟାଚାରିତ / ନିର୍ଯ୍ୟାତିତ / ଲୁଣ୍ଠିତ / ଧର୍ଷିତ ହୋଇଛି ସେଠାରେ ସବୁବେଳେ ମୁଁ ନିଜେ କେଜାଣି କାହିଁକି ଦୁଃଖରେ ଆକ୍ରାନ୍ତ ହୋଇଛି, କ୍ଷୋଭରେ ଫାଟିପଡ଼ିଛି, କ୍ରୋଧରେ ଜଳିଛି। ମୋ ଭିତରର ସୃଜନ ସତ୍ତାଟି ଅନୁଶୋଚନା ଓ କ୍ଷୋଭରେ ଆକ୍ରାନ୍ତ ଅଗ୍ନିପିଣ୍ଡୁଳାଟିଏ ପାଲଟିଯାଇଛି। ଯେମିତି ସେଇ ଉପେକ୍ଷିତ, ନିଷ୍ପେସିତ, ଅବହେଳିତ ନାରୀଙ୍କ ପାଖରେ ମୁଁ ଛିଡ଼ାହୋଇଛି, ତାଂକ ଭିତରେ ଆତ୍ମପ୍ରତ୍ୟୟଟିଏ ସୃଷ୍ଟି କରିବାର, ନିଜକୁ ଚିହ୍ନିବାର ବାଟଟିଏ ତିଆରି କରିବାକୁ ଚେଷ୍ଟା କରୁଛି। ମୋର ଏ ପ୍ରୟାସ ସମାଜ ବଦଳେଇବାକୁ ନୁହଁ, ବରଂ କୌଣସି ନା କୌଣସି ନାରୀର ସ୍ପନ୍ଦିତ ମୁହୂର୍ତ୍ତର ସ୍ପର୍ଦ୍ଧିତ ଉଚ୍ଚାରଣ ପାଲଟିବ, ଏ ବିଶ୍ୱାସ ମୋର ଅଛି। ଏଇଠି କହିରଖେ, ନାରୀର ପରମ୍ପରା ଭାଂଗିବା ସାହସକୁ ମୁଁ ସଶକ୍ତିକରଣ ବୁଝେନି, ବରଂ ଶୃଙ୍ଖଳିତ ଜୀବନଚର୍ଯ୍ୟା, ଆତ୍ମ ମର୍ଯ୍ୟାଦାବୋଧ ଭିତରେ ରହି ମୁକ୍ତ ଓ ସ୍ୱଚ୍ଛ ଚିନ୍ତାଧାରା ସହ ନିର୍ଭୟରେ ବଂଚିବାକୁ ମୁଁ ସଶକ୍ତିକରଣ ବୁଝେ।

# ଓଡ଼ିଆ ପତ୍ରିକାର ବର୍ତ୍ତମାନ ଓ ଭବିଷ୍ୟତ

## ଗାୟତ୍ରୀବାଳା ପଣ୍ଡା

## (କଳିଙ୍ଗ ପୁସ୍ତକମେଳାରେ ଆୟୋଜିତ ଆଲୋଚନାଚକ୍ରରେ ପ୍ରଦତ୍ତବକ୍ତବ୍ୟ)

ମୁଁ "ଅନ୍ୟା'ପତ୍ରିକାର ସଂପାଦନା କରେ। ଏହା ଏକ ତ୍ରୈମାସିକ ସାହିତ୍ୟ ପତ୍ରିକା। ସମ୍ପାଦନା ପୃଷ୍ଠଭୂମିରେ ମୋର ପ୍ରେରଣା ମୋ ନିଜର ଦୃଢ଼ ଇଚ୍ଛାଶକ୍ତି ଓ ବହୁ ଦିନର ଆଗ୍ରହ। ଜର୍ଣ୍ଣାଲିଜିମ୍ ଓ ମାସ୍ କମ୍ୟୁନିକେଶନ୍‌ରେ ପ୍ରଥମେ ଭାରତୀୟ ଜନ ସଂଚାର ସଂସ୍ଥାନ, ଢେଙ୍କାନାଳ ଓ ପରେ ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟ, ସିମ୍‌ଲାରୁ ସ୍ନାତକୋ ର ଡିଗ୍ରୀ ହାସଲ ପରେ ଖୁବ୍ ସ୍ୱପ୍ନ ଥିଲା ସାମ୍ବାଦିକତାକୁ ନେଇ କ୍ୟାରିଅର କରିବି। ସମ୍ପାଦନା ପ୍ରତି ପ୍ରବଳ ଆଗ୍ରହ ଓ ରୁଚି ଥିଲା। ପ୍ରି ମିଡ଼ିଆରେ କିଛି ବର୍ଷ କାମ କରିଥିଲି ମଧ୍ୟ। ମାତ୍ର ସେଠାରେ ମୋ ସ୍ୱପ୍ନ ସାକାର ହେଲାଭଳି କାମ ନଥିଲା, ଇଚ୍ଛା ମୁତାବକ କାମ ନଥିଲା। ସେ ପରିବେଶ ମତେ ସୁହେଇଲା ନାହିଁ। ମୁଁ ସାହିତ୍ୟ ପାଇଁ କାମ କରିବାକୁ ଚାହୁଁଥିଲି। ତେଣୁ ପତ୍ରିକାଟିଏ ସମ୍ପାଦନା କରିବାର ସିଦ୍ଧାନ୍ତ ନେଲି।

ମୋର ପତ୍ରିକାର ଲକ୍ଷ୍ୟ ଓ ଆଭିମୁଖ୍ୟ ହେଲା ନିରୁତା ସାହିତ୍ୟ ପ୍ରକାଶ କରିବା ଓ ନୂଆ ଲେଖୁଥିବା ଲେଖକଙ୍କୁ ଉତ୍ସାହିତ କରିବା ସହିତ ଗୋଟିଏ ଲେଖାକୁ ରୁଚିଶୀଳ ଭାବରେ ପରିବେଷଣ କରିବା ଏବଂ ନିଜର ନିରପେକ୍ଷ ଦୃଷ୍ଟିଭଂଗୀ ରଖି ପ୍ରକୃତ ଭଲ ଲେଖାକୁ ପତ୍ରିକାରେ ସ୍ଥାନିତ କରିବା। ଅବଶ୍ୟ ଏଇଠି ଆପଣଙ୍କ ମନରେ ପ୍ରଶ୍ନ ଉଠିପାରେ, ଭଲ ଲେଖା କ'ଣ ? ବା ଭଲ ଲେଖା କାହାକୁ କହନ୍ତି ? ଯାହା ଜଣକୁ ଭଲ ଲାଗେ ତାହା ଅନ୍ୟ ଜଣକୁ ଭଲ ଲାଗିବ ସେମିତି କିଛି ମାନେ ନାହିଁ, ମାତ୍ର ଲେଖା ଚୟନରେ ଯଦି ଜଣେ ସଂପାଦକର ନିଆରା ଦୃଷ୍ଟିକୋଣ ଥିବ, ବ୍ୟବସାୟିକ ମନୋବୃ ି ନଥିବ, ସାହିତ୍ୟରେ ରୁଚି ଓ ପଠନଶୀଳତା, ସାହିତ୍ୟ ସହିତ ସଂଶ୍ଳିଷ୍ଟ ରହିବାର ଆଗ୍ରହଓ ଅଭ୍ୟାସ, ସାହିତ୍ୟ ଓ ସାହିତ୍ୟିକକୁ ମର୍ଯ୍ୟାଦା ଦେବାର ମନୋଭାବ ସହ ଶ୍ରମ, ଧୈର୍ଯ୍ୟ ଓ ନିଷ୍ଠା ଥିବ, ତେବେ ସେ ବାଛିଥିବା ଲେଖା ପାଠକର ମନକୁ ଛୁଇଁବ। ମୋ କ୍ଷେତ୍ରରେ ଭଲ ଲେଖାଟିଏ ସର୍ବକାଳୀନ ଓ ହୀରାଭଳି ଡାଉଡାଉ ଝଟକୁଥାଏ, ପଢ଼ିଲାମାତ୍ରେ ଇ ଜଣାପଡ଼ିଯାଏ, ତେଣୁ ତାହା ଆଖିରୁ ବାଦ୍ ଯାଇପାରେନା। ସେଥିପାଇଁ ସଂପାଦକର ସ୍ପୃହା, ସ୍ପର୍ଦ୍ଧା ଓ ସାହସ ସହିତ ଦୃଷ୍ଟିଭଂଗୀ ବି ଦର୍କାର।

ମୁଁ ଯୁବ ଲେଖକଙ୍କୁ ଓ ନୂଆକରି ଲେଖା ଆରମ୍ଭ କରୁଥିବା ଲେଖକଙ୍କୁ କିଛି ଅଧିକ ପ୍ରାଧାନ୍ୟ ଦିଏ। କାରଣ ସେମାନେ ହିଁ ସାହିତ୍ୟର ଭବିଷ୍ୟତ ଏବଂ ସମ୍ଭାବନା ଥିବା ଯୁବ ଲେଖକଙ୍କ ଲେଖାକୁ ମୁଁ ନିଶ୍ଚୟ ଅଧିକ ଗୁରୁତ୍ୱ ଦେଇଥାଏ। ତେବେ ନିଜେ କବିତା ଲେଖୁଥିବାରୁ କି କ'ଣ ମୁଁ ଭଲ କବିତାକୁ ବି ଅଧିକ ଗୁରୁତ୍ୱ ଦେଇଥାଏ। ତେବେ ସବୁବେଳେ କିଛି ନୂଆ ଧରଣର ଲେଖା ବା ଫିଚର ବା ଯେଉଁ ଲେଖାରେ କିଛି ନୂତନତ୍ୱ ଥାଏ, ମୁଁ ତାକୁ ହିଁ ମୋ ପତ୍ରିକା ପାଇଁ ବାଛିଥାଏ।

ମୁଁ ମୋ ପାଠକଙ୍କ ରୁଚି ଓ ଆଗ୍ରହକୁ ଜାଣେ ଓ ତାହାକୁ ସମ୍ମାନ ଦିଏ। ସେହି ଅନୁସାରେ ଲେଖା ଚୟନ କରେ। ଅନେକ ଭଲ ଲେଖକଙ୍କ ଲେଖା ବେଳେବେଳେ ବାଦ୍ ପଡ଼ିଯାଏ ତ କେଉଁ ନୂଆ ଲେଖକର ଲେଖା ଗୁରୁତ୍ୱ ଦେଇ ଛାପେ। ସମାଲୋଚନାର ଶରବ୍ୟ ହୁଏ ମାତ୍ର ମୁଁ ଜାଣେ ସଂପାଦନାର ଅର୍ଥ ସଂକଳନ ନୁହେଁ। ତେଣୁ ମୋ ପତ୍ରିକାର ଏକ ସ୍ୱତନ୍ତ୍ର ସ୍ଥାନ ସାହିତ୍ୟପ୍ରିୟ ପାଠକଙ୍କ ମନରେ ଥାଏ। ଦେଖନ୍ତୁ ଶ୍ରେଷ୍ଠତା ପ୍ରତିପାଦନ କରିବାର ଲକ୍ଷ୍ୟ ନେଇ ମୁଁ ପତ୍ରିକା ସଂପାଦନ କରୁନାହିଁ, ବା କୌଣସି ପ୍ରତିଯୋଗିତାରେ ସାମିଲ ହେବା ବି ମୋର ଲକ୍ଷ୍ୟ ନୁହେଁ। ମୁଁ ମୋର ଭାଷା ସାହିତ୍ୟକୁ, ମୋ ପାଠକଙ୍କୁ କିଛି ଭଲ ଲେଖା ପରଶିଦେବାର କାମଟି କରୁଛି ଓ ମୋ ସାଧ୍ୟମତେ ସତ୍ ଓ ନିଷ୍ଠାପର ରହିବାକୁ ଚେଷ୍ଟା କରୁଛି। ମୋ ପତ୍ରିକା ୫୦୦୦ଲୋକଙ୍କ ନିକଟରେ ନ ପହଂଚୁ, ଯେଉଁ ୫୦୦ ଲୋକଙ୍କ ନିକଟରେ ପହଂଚୁଛି ସେଇ ୫୦୦ ଲୋକଙ୍କ ରୁଚିର, ପଠନଶୀଳତାର ମୁଁ ଯତ୍ନ ନିଏ, ସମ୍ମାନ ଦିଏ। ଏହାକୁ ଲୋକପ୍ରିୟ କରାଇବା ମୋର ଉଦ୍ଦେଶ୍ୟ ନୁହେଁ, ପାଠକ ଅନୁରାଗୀ କରାଇବା ମୋର ଲକ୍ଷ୍ୟ।

ମୋ ମତରେ ଗୋଟିଏ ପତ୍ରିକାକୁ ରୁଚିଶୀଳ କରିବାପାଇଁ ନିମ୍ନୋକ୍ତ ମାନଦଣ୍ଡ ଜରୁରୀ।

**୧- ଉତ୍କୃଷ୍ଟ ଲେଖା ଚୟନ-**

କୌଣସି ପରିସ୍ଥିତିରେ ଲେଖା ସହିତ କମ୍ପ୍ରୋମାଇଜ୍ ନ କରିବା। ପଦବୀ, ପ୍ରତିଷ୍ଠା ଓ ନାଁକୁ ଦେଖି ଲେଖା ଛାପିବା ଉଚିତ୍ ନୁହେଁ। ଯେତେ ଲେଖା ଆସୁଛି ପ୍ରତି ଲେଖା ପଢ଼ିବା ଉଚିତ୍, ହୁଏତ ତା ଭିତରେ ସଂପାଦକ ଚାହୁଁଥିବାଭଳି ଲେଖାଟିଏ ମିଳିଯାଇପାରେ। ଅବଶ୍ୟ ଅନେକ ସମୟରେ ମୁଁ ନିଜେ ଚାହୁଁଥିବାଭଳି ଲେଖା ନିର୍ଦ୍ଦିଷ୍ଟ ଲେଖକଙ୍କୁ ମାଗିଥାଏ ଓ ତାହା ବାଦ୍ ଅନ୍ୟ କୌଣସି ଲେଖାକୁ ସ୍ଥାନିତ କରିପାରେ ନାହିଁ। ଏହା ମୋର ବ୍ୟକ୍ତିଗତ ବିଚାର କାରଣ ମୋର ନିର୍ଦ୍ଦିଷ୍ଟ ପରିକଳ୍ପନାକୁ ନେଇ ମୋ ପତ୍ରିକାଟିକୁ ମୁଁ ପ୍ରକାଶ କରିଥାଏ।

ତେବେ ମୋ ପାଇଁ ଲେଖା ଚୟନର ମାନଦଣ୍ଡ ହେଉଛି-

୧.ଲେଖାଟିରେ କିଛି ନା କିଛି ନୂତନତ୍ୱ ଥିବ, ଥିମ୍‌ରେ ହଉ କି ଶୈଳୀରେ ହଉ କି ଭାଷାରେ ହଉ ଅର୍ଥାତ୍ ଜଣେ ପଢ଼ିଲେ ତାକୁ କିଛି ସମୟ ଚିନ୍ତା କଲାଭଳି, ଅନ୍ୟମନସ୍କ ରହିପାରିଲାଭଳି ଲାଗୁଥିବ। କଥାଟିଏ ନୂଆ ବାଗରେ କୁହାଯାଇଥିବ।(ଯଦିଓ ସାହିତ୍ୟରେ କିଛି ନୂଆ ନଥାଏ, ନୂଆ ଥାଏ କେବଳ ତାକୁ ପରିବେଷଣ କରିବାର ଦକ୍ଷତା ଉପରେ)

୨. ଗୁଡ଼ାଏ ଅଯଥା ବର୍ଣ୍ଣନା ନଥିବ, ଅଳ୍ପରେ ବହୁତ କିଛି କହିହୋଇଥିବ।

୩.ପାଠକାଭିମୁଖୀ ହୋଇଥିବ।

୪.ଗୋଟିଏ ପରିବାରରେ ସଭିଏଁ ପଢ଼ିଲାଭଳି ହୋଇଥିବ ଅର୍ଥାତ୍ ଅଶ୍ଳୀଳତା ନଥିବ। (ଏହା ବି ମୋର ବ୍ୟକ୍ତିଗତ ନିଷ୍ପ ି।)

୫. ଉପସ୍ଥାପନାରେ ଉପରଠାଉରିଆ ଭାବ ନଥିବ(କାମଚଳା ଭାବରେ ଲେଖାଯାଇନଥିବ। ଲେଖକର ମୌଳିକ ଚିନ୍ତାଧାରା, ଶ୍ରମ, ନିଷ୍ଠା, ଯତ୍ନ ଓ ବୌଦ୍ଧିକତାରେ ପ୍ରକାଶ ହୋଇଥିବ)

**୨-ପରିଚ୍ଛନ୍ନ ମୁଦ୍ରଣ:**

ମୁଦ୍ରଣ ପରିଚ୍ଛନ୍ନ ଓ ସଫାସୁତରା ହୋଇଥିବ।

**୩. ଲେ-ଆଉଟ ଓ ପରିପାଟୀ:**

ଆଜିର ଯୁଗ ଟେକ୍ନୋଲୋଜିର ଯୁଗ। ନିଜର ଇଚ୍ଛା ମୁତାବକ ସୁଦୃଶ୍ୟ ଲେ-ଆଉଟ କରିହେବ। ସେଥିପାଇଁ ସଂପାଦକର ନିଜସ୍ୱ ଦକ୍ଷତା

ଜରୁରୀ। ମାତ୍ର ଅନେକ ସଂପାଦକ ଏଇ କାମଟି ଡିଟିପି ଅପରେଟର ବା ଅନ୍ୟ କମ୍ପ୍ୟୁଟର କର୍ମକ ର୍ିଙ୍କ ଉପରେ ଛାଡ଼ିଦିଅନ୍ତି। ତେଣୁ ସେଥିରେ ନିଷ୍ଠାର ଅଭାବ ପରିଲକ୍ଷିତ ହୁଏ। ଅନେକ ପତ୍ରିକାରେ ଆମେ ଦେଖୁ ୫୦ କି ୧୦୦ କବିତା ଛପାହେବ, ମାତ୍ର ଧାଡ଼ି ମଝିରେ ଫାଙ୍କ ନଥିବ। ଧାଡ଼ିଧାଡ଼ି ଖୁନ୍ଦାଖୁନ୍ଦିହେଇ ଲେଖା ଛପା ହୋଇଥିବ। କବିତାରୁ କେତେଟା ଧାଡ଼ି ଉଡ଼ିଯାଇଥିବ, ଅର୍ଥ ବିକୃତ ହୋଇଯାଇଥିବ। ପଢ଼ିଲାବେଳକୁ ଆଖି ଉପରେ ପ୍ରେସର ପଡୁଥିବ। ଚିତ୍ର ଛପାହୋଇଥିବ ଯାହାର ପାଠ ସହିତ କିଛି ସଂପର୍କ ନଥିବ। ସାହିତ୍ୟ ପତ୍ରିକାରେ ଅନ୍ତତଃ ଏଭଳି ହେବା ଉଚିତ୍ ନୁହେଁ।

**୪-ମୁଦ୍ରଣ ତ୍ରୁଟି:**

ଏହା ଏକ ଭୟଂକର ତ୍ରୁଟି। ଯାହାକୁ ପ୍ରଥମେ ଦୃଷ୍ଟି ଦେବା ଆବଶ୍ୟକ। ମାତ୍ର ଆମେ ଯେତେ ଯାହା କଲେ ବି ତାହା ରହୁଛି।(ମୁଁ ମୋ ପତ୍ରିକା କଥା ବି କହୁଛି) ଏହାକୁ ସର୍ବପ୍ରଥମେ ଦୃଷ୍ଟି ଦେବାକୁ ପଡ଼ିବ।

**୫-କାଗଜ:**

ପତ୍ରିକାର କାଗଜ ଭଲ ହେବା ଆବଶ୍ୟକ ଯାହା ଫଳରେ ଜଣେ ପାଠକ ତାକୁ ଦୀର୍ଘ ବର୍ଷ ସାଇତି ରଖିପାରିବ।

ବ ର୍ିମାନ ଆସିବା ପତ୍ରିକା ପ୍ରକାଶନର ସମସ୍ୟାକୁ।

୧-ପ୍ରଥମ ସମସ୍ୟା ହେଲା ଭଲ ଲେଖା ନମିଳିବା।

୨-ଦ୍ୱିତୀୟ ସମସ୍ୟା ହେଲା ନିର୍ଦ୍ଧାରିତ ସମୟ ମଧ୍ୟରେ ନ ମିଳିବା।

୩-ତୃତୀୟ ସମସ୍ୟା ହେଲା ବିଜ୍ଞାପନ।

ବିଜ୍ଞାପନର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। କାରଣ ଭଲ ପତ୍ରିକାଟିଏ ପ୍ରକାଶ କରିବାପାଇଁ ଅର୍ଥର ଆବଶ୍ୟକତା ରହିଛି। ବ ର୍ିମାନର ପାଠକ ଭଲ ଲେଖା ସହିତ ପତ୍ରିକାର ମୁଦ୍ରଣ ଓ ପରିପାଟୀ ପ୍ରତି ବି ଗୁରୁତ୍ୱ ଦେଉଛନ୍ତି। ତେଣୁ ସେଥିପାଇଁ ଅର୍ଥର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିଜ୍ଞାପନ ନ ମିଳିଲେ ନିଜ ହାତରୁ ଅର୍ଥ ଖର୍ଚ୍ଚକରି ନିୟମିତ ପତ୍ରିକା ପ୍ରକାଶ କରିବା ସମ୍ଭବପର ନୁହେଁ। ବିଜ୍ଞାପନ ମିଳିଲେ ବି ସମସ୍ୟା ରହିଛି। ଯିଏ ହଜାର କି ଦୁଇ ହଜାର ଟଙ୍କାର ବିଜ୍ଞାପନଟିଏ ଦେଲେ ବି କବିତାଟିଏ ଗୁଂଜିଦିଅନ୍ତି। ଯଦି ସଂପାଦକ କଠୋର ହୁଏ ତ ବିଜ୍ଞାପନଟି ହାତରୁ ଯାଏ। ଏଇଟା ସାହିତ୍ୟ ପତ୍ରିକା ସଂପାଦନାରେ ଏକ ଗୁରୁତର ସମସ୍ୟା। ଏହା ବି ସତ ଯେ ଅଧିକାଂଶ ସଂପାଦକ କିଛି ଟଙ୍କାର ବିଜ୍ଞାପନ ଲୋଭରେ ଖୁବ୍ ରୁଚିହୀନ ଲେଖା ଛାପିବାକୁ କୁଣ୍ଠାବୋଧ କରନ୍ତି ନାହିଁ।

୪- ଚତୁର୍ଥ ସମସ୍ୟା ହେଲା ପତ୍ରିକାର ମାର୍କେଟିଂ ବା ପ୍ରଚାର/ପ୍ରସାର। ଆମର ଅଧିକାଂଶ ପତ୍ରିକା ନିୟମିତ ନୁହେଁ। ଯଦିଓ ହାତଗଣତି କେତୋଟି ପତ୍ରିକା ମାସିକ ବା ତ୍ରୈମାସିକ ପ୍ରକାଶ ପାଏ, ତେବେ ଅଧିକାଂଶ ବର୍ଷକୁ ଥରେ, ପୂଜା ସମୟରେ ହିଁ ବାହାରେ। ସେ ପତ୍ରିକାକୁ ଯେଉଁମାନେ ବିକ୍ରୀପାଇଁ ନିଅନ୍ତି, ସେମାନେ ସାରା ଓଡ଼ିଶାକୁ ଠିକ୍ ଭାବରେ ବହି ପଠାଇପାରନ୍ତି ନାହିଁ। ମନେକର ବଲାଂଗୀରରେ ୫୦ ଜଣ ଖୋଜୁଥିବେ ପତ୍ରିକା, ମାତ୍ର ସେଠି ପହଂଚିଥିବ ମାତ୍ର ପାଂଚ କି ଦଶ କପି। ଗୋଟିଏ ଉଦାହରଣ ଦେଲି। ଅନ୍ୟ ସ୍ଥାନରେ ବି ସେଇୟା। ବହି ଠିକ୍ ଭାବରେ ପାଠକଙ୍କ ନିକଟରେ ପହଂଚି ପାରେନାହିଁ। ଯଦି ପତ୍ରିକା ସବୁ ମାସରେ ନିୟମିତ ବାହାରୁଥାଆନ୍ତା ତେବେ ହୁଏତ ପାଠକଙ୍କ ସଂଖ୍ୟାର ଆକଳନ ଅନୁଯାୟୀ ବହି ପଠେଇ ହୁଅନ୍ତା। କିନ୍ତୁ ଏ ବାର୍ଷିକ ପତ୍ରିକା ପକ୍ଷରେ ତାହା ସମ୍ଭବ ହୁଏ ନାହିଁ।

୫-ପ୍ରୋତ୍ସାହନର ଅଭାବ- ସରକାରୀ ଓ ବେସରକାରୀ ସ୍ତରରେ ସାହିତ୍ୟ ପ୍ରତି ବିମୁଖତା ବା ପ୍ରୋତ୍ସାହନର ଅଭାବ ଏକ ବଡ଼ ସମସ୍ୟା। ପ୍ରାୟତଃ କୌଣସି ପତ୍ରିକାକୁ ସରକାରୀ ଆର୍ଥିକ ପ୍ରୋତ୍ସାହନ କିଛି ମିଳେନାହିଁ। ଯଦି କେହି ସଂପାଦକ କିଛି ଲବିକରି ବିଜ୍ଞାପନ ପାଇଲେ, ତାଂକର ସଂଖ୍ୟା ବି କାଁ ଭାଁ। ଗଣମାଧ୍ୟମର ଭୂମିକା ବି ସେମିତି ଆଖିଦୃଶିଆ ନୁହେଁ। ଏକ କଲମ୍ କି ଅତି ବେଶୀରେ ଦୁଇ କଲମ୍ ଜାଗାରେ ଦଶ ପନ୍ଦରଟି ପତ୍ରିକାର ନାଁ ଖୁନ୍ଦିଦେଇ ଅମୁକ ଅମୁକ ପତ୍ରିକା ପ୍ରକାଶ ପାଇଛି ଓ ତାହା ସମ୍ବନ୍ଧରେ ଧାଡ଼ିଏ ଦି ଧାଡ଼ି ଲେଖି କାମ ଶେଷ କରିଦେବେ। ଯଦି ଉକ୍ତ ଖବରକାଗଜରେ କାମ କରୁଥିବା ବ୍ୟକ୍ତିଙ୍କର କୌଣସି ପତ୍ରିକାରେ ଲେଖା ବାହାରିଛି ତ କଥାଟା ଭିନ୍ନ ହବ, ସେଇ ପତ୍ରିକାକୁ ଅନ୍ୟ ପତ୍ରିକାଠୁ କିଛିଟା ଅଗ୍ରାଧିକାର ଭି ିରେ ସମୀକ୍ଷା କରାଯିବ, ଆଉ କିଛି ଲାଇନ୍ ଯୋଡ଼ାହବ। କୌଣସି ହିନ୍ଦୀ ଫିଲ୍ମ ହିରୋ ହିରୋଇନ୍‌ଙ୍କ କୁକୁର ସମ୍ବନ୍ଧରେ ବରଂ ତିନି କଲମ ନ୍ୟୁଜ୍ ବାହାରିବ(କୁକୁରର ଫଟୋ ସହ), ବା କିଏ କେଉଁ ଗାଡ଼ି ବ୍ୟବହାର କରୁଛନ୍ତି, କୋଉ ଖେଳାଳୀ କୋଉଠିକି ଛୁଟି ମନେଇବାକୁ ଗଲେ, କିଏ କେଉଁ ସହରରୁ କଣ ମାର୍କେଟିଂ କଲେ, କାହାର କାହା ସହ ଆଫେୟାର୍ ଚାଲିଛି, ଏସବୁର ବିସ୍ତୃତ ବିବରଣୀ ଫଟୋସହ ଛପାହେବା ବେଶୀ ଜରୁରୀ ଗଣମାଧ୍ୟମଙ୍କ ପାଇଁ। ଅଥଚ ପୂଜା ପତ୍ରିକାରେ କେଉଁଠି କେଉଁ ଲେଖକଙ୍କ ଉପନ୍ୟାସ ବାହାରିଲା, କବିତା ବା ଗପ ସମ୍ବନ୍ଧରେ ଆଲୋଚନା, ସାହିତ୍ୟର ସାଂପ୍ରତିକ ସ୍ଥିତି କଣ, ନୂଆ ଲେଖକଙ୍କ ଲେଖାର ଆଭିମୁଖ୍ୟ ଏସବୁ ସମ୍ବନ୍ଧରେ ନା କିଛି ଆଲୋଚନା ବାହାରେ ନା ପତ୍ରିକା ମାନଙ୍କ ସମ୍ବନ୍ଧରେ କିଛି ଆଲୋଚନା/ସମାଲୋଚନା। ହୁଏତ ସେଥିରୁ କିଛି ପାଠକୀୟ ଚାହିଦା ବଢ଼ିପାରନ୍ତା। ଗାଁ ଗହଳରେ ଖବରକାଗଜ ପଢୁଥିବା ଲୋକେ କିଛି ପତ୍ରିକା ସମ୍ବନ୍ଧରେ ଜାଣିପାରନ୍ତେ। ମାତ୍ର ତାହା ହୁଏନି। ସର୍କାର ସଂସ୍କୃତି ନାଁରେ କୋଟିକୋଟି ଟଙ୍କା ଖର୍ଚ୍ଚ କରନ୍ତି, ମାତ୍ର ସାହିତ୍ୟ ପ୍ରତି ନିଘା ନଥାଏ। ସାହିତ୍ୟ କ'ଣ ସଂସ୍କୃତି ବାହାରେ ?

ସେହିପରି କର୍ପୋରେଟ୍ ହାଉସ। ସେମାନେ ଲୋକଙ୍କୁ ବିସ୍ଥାପିତ କରନ୍ତି, କଳ କାର୍ଖାନା ବସାନ୍ତି, କୋଟିପତିରୁ ଆହୁରି ଅଧିକ କୋଟିପତି ହୁଅନ୍ତି। ଜନକଲ୍ୟାଣ ନାଁରେ କୋଟି କୋଟି ଖର୍ଚ୍ଚ କରନ୍ତି ବୋଲି ରାସ୍ତାଘାଟରେ, ବିମାନବନ୍ଦରରେ, ଏଠି ସେଠି ବିଜ୍ଞାପନ ଝୁଲାନ୍ତି, ହୋର୍ଡିଂ ଟାଂଗନ୍ତି ଅଥଚ ପାଂଚ କି ଦଶ ହଜାର ସାହିତ୍ୟକୁ ସଂସ୍କୃତିକୁ ଦିଅନ୍ତି ନାହିଁ। ସେମାନେ ଜାଣନ୍ତି ସାହିତ୍ୟ ପତ୍ରିକାକୁ ଦେଇ କିଛି ଲାଭନାହିଁ କାରଣ ସର୍କାର, ବ୍ୟୁରୋକ୍ରାଟଙ୍କ ନିକଟରେ ଓଡ଼ିଆ ପତ୍ରିକାର କିଛି ଭ୍ୟାଲ୍ୟୁ ନାହିଁ। ତାଂକ ପାଖରେ ଏସବୁ ପଢ଼ିବାକୁ ସମୟ କି ଆଗ୍ରହ ନାହିଁ। ଯଦି କୋଉ ମନ୍ତ୍ରୀ କି ଆଇଏସ୍, ଆଇପିଏସ୍ କୌଣସି ନିର୍ଦ୍ଦିଷ୍ଟ ପତ୍ରିକାପାଇଁ ସୁପାରିଶ କରିଛନ୍ତି ତ କଥା ଅଲଗା। ତେଣୁ ଏଇସବୁ କାରଣ ପାଇଁ ସଂପାଦକର ନିଷ୍ଠା, ଯତ୍ନ ଓ ଆଗ୍ରହ ଥିବା ସ ୍ୱ ବି ସାହିତ୍ୟ ପତ୍ରିକାଟିଏ ଉଧେଇ ପାରେନାହିଁ।

ପତ୍ରିକା ସଂପାଦନାରେ ଆସୁଥିବା ସମସ୍ୟାର ଇଏ ଗୋଟିଏ ଦିଗ ହେଲେ ଆଉ ଗୋଟିଏ ଦିଗ ହେଉଛି କିଛି ପତ୍ରିକାର ସଂପାଦକ ଖୋଦ୍ ସ୍ୱୟଂ। ସେମାନଙ୍କ ବେପାରୀ ବୁଦ୍ଧି ଯୋଗୁଁ ହିଁ ଧୁଆ ମୂଳା ଅଧୁଆ ମୂଳା ସବୁ ଏକାସାଂଗରେ ଗଣା ହୁଅନ୍ତି। ଜଣେ ଜଣେ ସଂପାଦକ ଆର୍ଥିକ କ୍ଷତି, ମାନସିକ ଚାପ ଓ ସନ୍ତାପ, କଠୋର ଶ୍ରମ, ବିଜ୍ଞାପନପାଇଁ ଅସମ୍ମାନଜନକ ପରିସ୍ଥିତିକୁ ସାମ୍ନାକରି ବି ନିଜର ନିଷ୍ଠାରୁ ବିଚ୍ୟୁତ ହେଉନଥିବାବେଳେ କିଛି ସଂପାଦକ କେବଳ ସଂକଳକ ସାଜନ୍ତି ଓ ବ୍ୟବସାୟ ମନୋବୃ ି ନେଇ ପତ୍ରିକା ବାହାର କରନ୍ତି। ତାଂକପାଇଁ ଲେଖାର ମାନ କିଛି ନଥାଏ।ଏମିତି କିଛି ସଂପାଦକଙ୍କ ବି ଅଛନ୍ତି ଯିଏ ଟଙ୍କା ନେଇ

କବିତା ଛାପନ୍ତି । ସେଠି ଲେଖାର ମାନ ସହ ସାଲିସ୍ କରିବା କାରଣରୁ ପତ୍ରିକା ଅରୁଚିକର, ନିମ୍ନମାନର ହୁଏ । ଏବଂ ସଂପ୍ରତି ଏଇଭଳି ପ୍ରକାଶ ପାଉଥିବା ପତ୍ରିକାର ସଂଖ୍ୟା ଯଥେଷ୍ଟ ଅଧିକ ।

ଏ ବର୍ଷ ବ ର୍ମାନ ପର୍ଯ୍ୟନ୍ତ ଅଶୀଟି ପତ୍ରିକା ମାର୍କେଟକୁ ଆସିଛି । ଆଗେ ଅଳ୍ପ ପତ୍ରିକା ବାହାରୁଥିଲା, ତେଣୁ ଭଲ ଲେଖା ମିଳୁଥିଲା । ଏବେ ଏତେଗୁଡ଼ିଏ ପତ୍ରିକା ବାହାରିବା ଯୋଗୁଁ ଲେଖକଙ୍କୁ ଚାପରେ ଅଧିକ ଲେଖିବାକୁ ପଡୁଛି ଓ କେତେକ ସ୍ଥଳେ ଲେଖାର ମାନ କମିଯାଉଚି । ତେଣୁ ଗୋଟିଏ ସାଧାରଣ ଆକଳନ ହୋଇଯାଉଛି ଯେ ଭଲ ଗପ ଆଉ ଲେଖାହେଉନି ବା ଭଲ କବିତା, ଉପନ୍ୟାସ ଲେଖାହେଉନି । ଯେଉଁ କେତୋଟି ଭଲ ଲେଖା ଅଛି, ଏ ଲେଖାର ସମୁଦ୍ର ଭିତରୁ ତାକୁ ଖୋଜି ବାଛି ପଢ଼ିବା ପାଠକ ପକ୍ଷରେ ସମ୍ଭବ ହେଉନି ।

ଆଉ ଗୋଟିଏ କଥା, ଅଳ୍ପ କେଇଟି ପତ୍ରିକାକୁ ଛାଡ଼ିଦେଲେ ଅନେକ ପତ୍ରିକା ଲେଖକଙ୍କୁ ପାରିତୋଷିକ ଦିଅନ୍ତି ନାହିଁ । ଯେଉଁଠି ସଂପାଦକଟିଏ ବିଜ୍ଞାପନ ନପାଇ ପତ୍ରିକା କାଢ଼ିବାର ନିଶାରେ ଆର୍ଥିକ କ୍ଷତି ସହି ପତ୍ରିକା ବାହାର କରୁଛି, ସିଏ ସେଠି ଲେଖକଙ୍କୁ ପାରିତୋଷିକ ଦେବା କେବଳ କଷ୍ଟସାଧ୍ୟ ନୁହେଁ, ଅସମ୍ଭବ ବି । ମାତ୍ର କେତେଜଣ ସଂପାଦକ ନିଜର ରୁଚିଶୀଳତା ନଥାଇ କିଛି ମୋଟା ଅଂକର ବିଜ୍ଞାପନ ହାତେଇ ଅବଶ୍ୟ ଲେଖକୀୟ ପାରିତୋଷିକ ଦେଇ କିଛି ପ୍ରତିଷ୍ଠିତ ଲେଖକଙ୍କଠାରୁ ଲେଖା ପାଇଥାଆନ୍ତି । ମାତ୍ର ସବୁବେଳେ ସେ ଲେଖାର ମାନ ସମାନ ନଥାଏ ।

ତେଣୁ ଏଇଭଳି ପତ୍ରିକା ସଂପାଦକକୁ ଅନେକ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥାଏ । ପ୍ରଶ୍ନ ଉଠିପାରେ ପତ୍ରିକା ପ୍ରକାଶ ନକଲେ ବି ଚଳନ୍ତା, କାହିଁକି କରୁଛନ୍ତି । ଏହା ଗୋଟିଏ ନିଶା । ଏହାହିଁ ଓଡ଼ିଆ ପତ୍ରିକାର ବ ର୍ମାନ ଓ ଏହି ନିଶା ହିଁ ସାହିତ୍ୟକୁ ଚିରସବୁଜ କରି ରଖେ, ବଂଚାଇ ରଖେ । କିଛି ନିଶାଗ୍ରସ୍ତ(ଏଠି ନିଶା ମାନେ ସର୍ଜନଶୀଳତାର ନିଶା) ସଂପାଦକଙ୍କ ଯୋଗୁଁ ଭାଷା ବଂଚିରହେ ।

ଭବିଷ୍ୟତ କଥା ଉଠିଲେ ଆହୁରି ଅନେକ ପ୍ରଶ୍ନ, ଅନେକ ଆଶଙ୍କା, ଅନେକ ଉଦ୍‌ବେଳନରେ ମନ ଆକ୍ରାଂତ ହୁଏ । ଓଡ଼ିଆ ପତ୍ରିକାର ଭବିଷ୍ୟତ ଆମେ ଓଡ଼ିଆମାନେ । ଆମର ନିଜ ଘରୁ ହିଁ ଆରମ୍ଭ ହୋଇପାରେ ଏ ପ୍ରୟାସ । ମାତ୍ର ଆମେ ଯେଉଁମାନେ ଲେଖାଲେଖି କରୁ ପ୍ରାୟ ସେଇମାନେ ହିଁ ପତ୍ରିକା କିଣୁ ଓ ପଢୁ । ଅନେକ ସମୟରେ ଲେଖକୀୟ କପିକୁ ଚାହିଁରହିଥାନ୍ତି କିଛି ଲେଖକ । ପତ୍ରିକାଟିଏ କିଣି ପଢ଼ିବାକୁ କୁଣ୍ଠିତ ହୁଅନ୍ତି । ଯଦି ସାହିତ୍ୟିକଟିର ଏ ପ୍ରବୃ ି, ସାଧାରଣ ଲୋଟି ପାଖରୁ କ'ଣ ଆଶା କରାଯିବ ? ତେଣୁ ସାଧାରଣ ଲୋକଟିର ପତ୍ରିକା ପଢ଼ିବାର, କିଣିବାର ଆଗ୍ରହ ସୃଷ୍ଟି ନହେଲାଯାଏଁ ଭବିଷ୍ୟତ ସମ୍ବନ୍ଧରେ କଣ କହିହେବ । ଯାହା ଏବେ ଚାଲୁଛି, ଭବିଷ୍ୟତରେ ବି ସେହିଭଳି ଚାଲିବ ବା ଚାଲିପାରେ ।

ଆମର ପରବ ୀ ପିଢ଼ି ମନରେ ସାହିତ୍ୟ ପ୍ରତି ଆଗ୍ରହ ଜନ୍ମାଇବାର ଦାୟିତ୍ୱ ଆମର । ବ ର୍ମାନ ଇନ୍‌ଫର୍ମେସନ୍ ଟେକ୍ନୋଲୋଜି ଯୁଗରେ ଇ ରନେଟ୍, ଇ-ବୁକ୍‌ସ୍ ଓ ଇ-ମାଗାଜିନ୍ , ଟିଭି, ମୋବାଇଲ୍ ଆବୋରି ନେଉଛି ପିଲାଂକ ମାନସିକତା । ସେମାନେ ଆମଠାରୁ ମାନସିକ ସ୍ତରରେ ଆହୁରି ଚ ଳ, ଆହୁରି କ୍ଷିପ୍ର । ତେଣୁ ସେଠାରେ ତାଙ୍କ ମନରେ ଓଡ଼ିଆ ପତ୍ରିକା ପ୍ରତି ଆଗ୍ରହର ପରିବେଶ ତିଆରି କରିବାର ଦାୟିତ୍ୱ ଆମ ଅଭିଭାବକଙ୍କର । ଇଂରାଜୀ ପଢ଼ନ୍ତୁ, କ୍ଷତି ନାହିଁ, ମାତ୍ର ପ୍ରତ୍ୟେକ ଘରେ ଓଡ଼ିଆ ପତ୍ରିକା ପଢ଼ିବାର ପରମ୍ପରାଟିଏ ସୃଷ୍ଟି ହେଉ । ପ୍ରତି ମାସରେ ଅନ୍ତତଃ ଶହେଟି ଟଙ୍କା ତ ପତ୍ରିକା କିଣାରେ ଖର୍ଚ୍ଚ କରିହେବ । କେତେ ଶହେ ଟଙ୍କା ମୋବାଇଲ୍ ରି-ଚାର୍ଜରେ ଖର୍ଚ୍ଚ ହେଇଯାଉଛି ।

ଏଇଠି ଛୋଟିଆ ଉଦାହରଣ ଦୁଇଟି ଦଉଛି ।

ଏଥର 'ଅନ୍ୟା'ର କାମ ସରିବାକୁ ଡେରି ହେଲା, ପ୍ରେସ୍‌ବାଲା କହିଲେ ଅମୁକ ତାରିଖ ସୁଦ୍ଧା ନଦେଲେ ପୂଜାପୂର୍ବରୁ ବାହାରି ପାରିବନି । ତ ମୁଁ ଖୁବ୍ ଟେନ୍‌ସନ୍‌ରେ ଥାଏ । ସବୁ କାମ କରିବାକୁ ମତେ ହିଁ ପଡ଼େ । ୨୨ଟି ଭାରତୀୟ ଭାଷାର ଯୁବ ଲେଖକଙ୍କ ଫିଚରଟି ସିନା କରିବାକୁ ନିଷ୍ପ ି ନେଲି, ଏଥିପାଇଁ ପ୍ରଚୁର ଶ୍ରମ ଓ ଟେନ୍‌ସନ୍ ବଢ଼ିଗଲା । ହଠାତ୍ ଏଇଟିକୁ କରିବାକୁ ସ୍ଥିର କଲି ତ ଅନେକ ଲେଖାକୁ ବାଦ୍ ଦବାକୁ ପଡ଼ିଲା । କାହାକୁ ବାଦ୍ ଦେବି, କାହାକୁ ରଖିବି ଶେଷ ମୁହୂ ର୍ରେ ଘାରି ହଉଛି ଓ କମ୍ପ୍ୟୁଟର ପାଖରେ ବସି କାମ କରୁଛି, ହଠାତ୍ ମୋ ପୁଅ ଆସିଲା ଓ କହିଲା, ମମି ଅଦରକାରୀ ଜିନିଷ ଫିଙ୍ଗିଦିଅ, ସାଇତି ରଖନା । ମୁଁ ବୁଝିପାରିଲିନି । ତ ସେ କହିଲା କମ୍ପ୍ୟୁଟରରେ ଯେମିତି ସି ଡ୍ରାଇଭରେ ଅଧିକ ଫାଇଲ୍ ହୋଇଗଲେ କମ୍ପ୍ୟୁଟର ସ୍ଲୋ ହୋଇଯାଏ ସେମିତି ମୁଣ୍ଡରେ ଅଧିକ ଚିନ୍ତା ହେଇଗଲେ, ମୁଣ୍ଡ ଆଉ ଠିକ୍ କାମ କରିବନି । ସେଇ ଅଦରକାରୀ ଫାଇଲ୍ ଭଳି କିଛି କଥା ମୁଣ୍ଡରୁ କାଢ଼ିଦିଅ । ସବୁକୁ ଏକାଠି ଜମେଇ ରଖିଲେ କିଛି କରିପାରିବନି । ମୁଁ ତାକୁ ଚାହିଁଲି, ସ୍ତବ୍ଧ ହୋଇଗଲି । ସେହିଦିନ ହିଁ ଅନେକ ଜଂଜାଳ ତୁଟିଗଲା । ଦୃଢ଼ହୋଇ କିଛି ଲେଖା ବାଦ୍ ଦେଇଦେଲି । ପରେପରେ କାମ ସାରିବା ସହଜ ହୋଇଗଲା । ଏକଥା କହିବାର ଅର୍ଥ ବ ର୍ମାନର ପିଲାମାନେ ଅଧିକ ବାସ୍ତବବାଦୀ । ସେମାନଙ୍କ ମଧ୍ୟରେ ଆମକୁ ଇମାଜିନେସନ୍ ଗୁଣକୁ ବିକଶିତ କରିବାକୁ ପଡ଼ିବ । ଭାଷାର ସମୃଦ୍ଧ ପରମ୍ପରା ସହ ପିଲାଙ୍କୁ ଚିହ୍ନେଇବାର ଦାୟିତ୍ୱ ଆମର । ଯୁଗର ଚାହିଦାକୁ ଦେଖି ସାହିତ୍ୟ ସୃଷ୍ଟି କରିବାର ଦାୟିତ୍ୱ ଲେଖକର । କାରଣ ଚିନ୍ତାଶକ୍ତିର ବିକାଶ ସମ୍ଭବ କେବଳ ପଠନ ଦ୍ୱାରା । ପଠନ ଅଭ୍ୟାସ ଜାରି ରଖିବାକୁ ପରିବାରରେ ନିୟମିତ ସେଇ ବାତାବରଣ ସୃଷ୍ଟି କରିବାକୁ ହେବ ।

ବିଭିନ୍ନ ପ୍ରତିକୂଳତା ସ େ, ଭାଷାକୁ ନେଇ ତର୍କ ବିତର୍କ ସ େ ମୋର ବିଶ୍ୱାସ ଯେ ଓଡ଼ିଆ ପତ୍ରିକା ନିଶ୍ଚୟ ବଂଚିବ ଭବିଷ୍ୟତରେ, ଯେତେଦିନଯାଏଁ ଜଣେ ବି ପିଲା ପତ୍ରିକା ନ ପଢ଼ିପାରିଲେ ବି, ନବୁଝିପାରିଲେ ବି ଆଢ଼େଇ ଦେଖୁଥିବ । ଅବଶ୍ୟ ଏଇମାନଙ୍କଭଳି କୁନିପିଲାମାନଙ୍କ ହାତକୁ ପତ୍ରିକା ବଢ଼ାଇଦବାର ଦାୟିତ୍ୱ ଆମର, ବାପମା'ଙ୍କର ।

# ନାରୀର ଲେଖକୀୟ ସ୍ୱାଧୀନତା

ଗାୟତ୍ରୀବାଳା ପଣ୍ଡା

(ସମାଜରେ ପ୍ରକାଶିତ)

ନାରୀର ଲେଖକୀୟ ସ୍ୱାଧୀନତା କହିଲେ ମୁଁ ବୁଝେ ଫାଙ୍କା ଆକାଶ ଭଳି ବିଶାଳ ହୃଦୟର କିଛି ମଣିଷ ତା' ରଚନାକୁ ସ୍ୱାଭାବିକ୍ ଗ୍ରହଣକରିବା। ଆମ ସମାଜରେ ନାରୀଟିଏ ଅନେକ ସମସ୍ୟା, ସ୍ୱପ୍ନଭଂଗ, ହତାଶା, ବିଷାଦବୋଧ ଦେଇ ଗତି କରେ। ଉପରକୁ ସ୍ୱାଭାବିକ୍ ଦିଶୁଥିବା ନାରୀଟିଏ କୌଣସି ନା କୌଣସି ଉପାୟରେ କିଛି ନା କିଛି ବିରୋଧାଭାସର ସାମ୍ନା କରୁଥାଏ, ନିର୍ଯ୍ୟାତିତ ହେଉଥାଏ। ଏଠାରେ କେବଳ ଶାରୀରିକ ନିର୍ଯ୍ୟାତନାର କଥା କହୁନାହିଁ, ଅନେକ ଶିକ୍ଷିତା ଓ ଉପାର୍ଜନକ୍ଷମ ନାରୀ ମାନସିକ ସ୍ତରରେ ବି କମ୍ ନିର୍ଯ୍ୟାତିତା ନୁହନ୍ତି। ସୃଜନକର୍ମରେ ଲିପ୍ତ ଥିବା ନାରୀଟିଏ ବି ଏପରି ବିଷାଦବୋଧରୁ ମୁକ୍ତ ନୁହେଁ। ନିଜେ ଭୋଗୁଥିବା ଜୀବନ, ପାରିପାର୍ଶ୍ୱିକ ସ୍ଥିତି, ଘଟଣା, ଦୁର୍ଘଟଣା ଓ ତଦ୍‌ଜନିତ ପ୍ରତିକ୍ରିୟା ବ୍ୟକ୍ତ କରିବାର ନିଜସ୍ୱ ସ୍ୱଚ୍ଛନ୍ଦ ଓ ମୁକ୍ତ ସ୍ୱରଟିଏ ଜୁଟେଇବାକୁ ତାକୁ ଖୁବ୍ ସଂଘର୍ଷ କରିବାକୁ ପଡ଼େ।

ନାରୀର ଲେଖକୀୟ ସ୍ୱାଧୀନତାରେ ପ୍ରଥମ ଅନ୍ତରାୟ ସାଜେ ସମାଜ। ଆମର ସାମାଜିକ ଦୃଷ୍ଟିଭଂଗୀ, ମନୋଭାବରେ ବୈଷମ୍ୟ ଓ ପ୍ରଚଳିତ ରୀତିନୀତିର କଠୋରତା ନାରୀର ଆତ୍ମିକ ମୁକ୍ତି ପାଇଁ, ଚିନ୍ତାଧାରାର ସ୍ୱଚ୍ଛ ପରିପ୍ରକାଶ ପାଇଁ ବାଧକ ସାଜେ। ସେ ଯାହା ଲେଖେ ସେଥିରେ ଆଉ ତା' ନିଜ କଥା ଫୁଟିଛି କି, ସମାଜ ଉହୁଁକି ଦେଖେ ଏବଂ କୁତ୍ସାରଟନା କରିବାକୁ ପଛାଏ ନାହିଁ। କଲମ ଧରିବସିଲେ ତାକୁ ତା'ର ପରିବାର, ସମାଜ କଥା ଭାବିବାକୁ ପଡ଼େ ଓ ଲେଖୁଲେଖୁ ନିଜର ସୀମାବଦ୍ଧତା ପାଖରେ ଥରକୁ ଥର ସେ ଝୁଣ୍ଟିପଡ଼େ। ଯେଉଁ ନାରୀ ସତକୁ ସତ, ଅନ୍ୟାୟକୁ ଅନ୍ୟାୟ ବୋଲି ମୁକ୍ତଭାବରେ ଲେଖିପାରେ, ସମାଜ ତାକୁ ଉଚ୍ଛୃଙ୍ଖଳ କହେ, ସ୍ୱେଚ୍ଛାଚାରୀ କହେ। ସମସ୍ୟା ଓ ଯନ୍ତ୍ରଣା ବ୍ୟକ୍ତ ହୋଇଥିବା ଲେଖାକୁ ନାରୀବାଦର ନାଁ ଦିଏ, ପ୍ରତିବାଦର ଭାଷାକୁ ତାଚ୍ଛଲ୍ୟ ଫିଙ୍ଗେ। ଏଠାରେ ନାରୀର ଲେଖକୀୟ ସ୍ୱାଧୀନତା ବିପନ୍ନ ହୁଏ। ଅନ୍ୟ ଅର୍ଥରେ କହିଲେ ଉପଯୁକ୍ତ ଓ ଅନୁକୂଳ ବାତାବରଣଟିଏ ନପାଇବା କାରଣରୁ ସେ ଯାହାକିଛି ଉତ୍କୃଷ୍ଟ ସୃଷ୍ଟି କରିପାରିଥାନ୍ତା ତାହା ହୋଇପାରେନାହିଁ।

ନାରୀର ଲେଖକୀୟ ସ୍ୱାଧୀନତାର ଆଉ ଏକ ଅନ୍ତରାୟ ହେଉଛି ବାହ୍ୟ ଜଗତର ପ୍ରତ୍ୟକ୍ଷ ଅନୁଭୂତିର ଅଭାବ। ନାରୀଟିଏ ହୋଇଥିବାରୁ ସମାଜ ନିର୍ଦ୍ଧାରଣ କରିଥିବା ଅନେକ ସୀମାରେଖା ଭିତରେ ସେ ବନ୍ଦୀ। ନିଜ ଚାହିଦା ମୁତାବକ ପ୍ରତ୍ୟକ୍ଷ ଅନୁଭୂତି ଓ ତଥ୍ୟ ସେ ତା'ର ଚତୁଃପାର୍ଶ୍ୱରୁ ସାଉଁଟି ନେଇ ପାରେନାହିଁ ଓ ଅନେକ କିଛି ସାମାଜିକ ସୁବିଧାସୁଯୋଗକୁ ସିଧାସଳଖ ଉପଭୋଗ କରିବାରୁ ସେ ବଂଚିତ ରହେ। ସେ ଚଳପ୍ରଚଳ କରୁଥିବା ପୃଥିବୀଟି ତା' ପାଇଁ ଏତେ ସଂକୁଚିତ ଯେ ଏଇଠି ପୁଣିଥରେ ସେ ନିଜର ସୀମାବଦ୍ଧତାକୁ ସାମ୍ନା କରେ। ତେଣୁ କୌଣସି ଘଟଣାର ବାହ୍ୟ ଆକଳନ ନକରି ଅବା କଳ୍ପନାର ରୂପ ନଦେଇ ବରଂ ନିଜେ ଭେଟୁଥିବା ଓ ଭୋଗୁଥିବା ଘଟଣା, ଦୁର୍ଘଟଣା, ବ୍ୟକ୍ତିଗତ ସଫଳତା-ବିଫଳତା, ପୀଡ଼ା, ପ୍ରେମ ଓ ଅନ୍ତର୍ଦ୍ୱନ୍ଦ୍ୱକୁ ନିଜ ରଚନାରେ ସେ ଖୁବ୍ ନିଷ୍ପାପର ରୂପ ଦେଇପାରେ। ଏଠାରେ ନିଜର ବୌଦ୍ଧିକତାକୁ ପ୍ରତିପାଦନ କରିବା ଅପେକ୍ଷା ହୃଦୟର ଆବେଗ ପରିସ୍ଫୁଟ କରିବାର ପ୍ରୟାସ ଅଧିକ ଥାଏ।

ତେଣୁ ଅଧିକାଂଶସ୍ଥଳେ ଏହା ଧାରଣା କରିନିଆଯାଏ ଯେ ପ୍ରେମ, କରୁଣା, କୋମଳତା, ସେବା, ସମର୍ପଣ ଓ ଅନ୍ତର୍ଜୀବନର କଥା ନାରୀର ମୁଖ୍ୟ ସ୍ୱର। ପ୍ରତିବାଦ ଓ ବିଦ୍ରୋହ ବ୍ୟକ୍ତ କରିବାର କ୍ଷମତା ତାର ନାହିଁ। ପୁଣି ଯୁଦ୍ଧ, ସଂତ୍ରାସ, ଯେକୌଣସି ଦୁର୍ବିପାକ ଅବା ରାଜନୈତିକ ପୃଷ୍ଠଭୂମିକୁ ନିଜ ସୃଷ୍ଟିର ପରିସରଭୁକ୍ତ କରିବା ମଧ୍ୟ ନାରୀ ପକ୍ଷରେ ଅସମ୍ଭବ। ମାତ୍ର ଆମର ବୁଝିବା ଉଚିତ୍ ଯେ ସୃଜନ ସତ୍ତା ଏକ ବ୍ୟକ୍ତିବିଶେଷ ନୁହେଁ, ସମସ୍ତ ଲିଙ୍ଗଭେଦର ଉର୍ଦ୍ଧ୍ୱରେ ସେ ନାରୀ ହେଉ ବା ପୁରୁଷ ସେ କେବଳ ଏକ ଶକ୍ତି, ସୃଜନଶୀଳ ଶକ୍ତି। ସୃଜନ କର୍ମ ସଂପାଦନ କରୁଥିବା ନାରୀଟିଏ ବି ପୁରୁଷମାନଙ୍କଭଳି ବିବିଧ ପ୍ରସଙ୍ଗ ଓ ସାମାଜିକ ସମସ୍ୟା, ବ୍ୟକ୍ତି ସ୍ୱାତନ୍ତ୍ର୍ୟକୁ ଜାହିର୍ କରିବାର ଅଭିଳାଷ ଓ ସଂଘର୍ଷ ସମ୍ବନ୍ଧରେ ଲେଖିପାରିବାର ସାମର୍ଥ୍ୟ ରଖେ ଯଦିଓ ତାହା ପୁରୁଷସମାଜ ଦ୍ୱାରା ସହଜରେ ଗ୍ରହଣୀୟ ହୋଇପାରେ ନାହିଁ। ଏଠାରେ ଲେଖାର ମାନ ଅପେକ୍ଷା ଲିଙ୍ଗଭେଦକୁ ଅଧିକ ଗୁରୁତ୍ୱ ଦିଆଯାଏ।

ପୁନଶ୍ଚ ନାରୀର ଲେଖକୀୟ ସ୍ୱାଧୀନତା ପାଇଁ ସମୟ ମଧ୍ୟ ସେତିକି ଗୁରୁତ୍ୱ ରଖେ। ନାରୀଟିଏ ସମାଜ ଦ୍ୱାରା, ପରିବାର ଦ୍ୱାରା ଏତେ ଦାୟବଦ୍ଧ ଥାଏ ଯେ ନିଜପାଇଁ ସଂପୂର୍ଣ୍ଣ ବ୍ୟକ୍ତିଗତ ଓ ନିରୋଳା ସମୟଟିକେ ଜୁଟେଇବା ତା' ପକ୍ଷରେ ସବୁବେଳେ ସମ୍ଭବପର ହୋଇନଥାଏ। ଉପଯୁକ୍ତ ପରିବେଶ ଓ ସମୟ ଅଭାବରୁ ତା' ସୃଷ୍ଟିର ଗୁଣ/ମାନ ଓ ସଂଖ୍ୟା ଉଭୟ ପ୍ରଭାବିତ ହୋଇଥାଏ।

ବର୍ତ୍ତମାନ ପରିପ୍ରେକ୍ଷୀରେ ଆମର ସାମାଜିକ ଦୃଷ୍ଟିଭଂଗୀ ପରିବର୍ତ୍ତନର ଆବଶ୍ୟକତା ଆସିଛି। ନାରୀକୁ ତାର ସୃଜନ କର୍ମପାଇଁ ଚାହିଦା ମୁତାବକ ସମୟ ଓ ସ୍ୱାଧୀନତା ଯୋଗାଇବା କେବଳ ସମାଜର କର୍ତ୍ତବ୍ୟ ନୁହେଁ ବରଂ ନାରୀର ଅଧିକାର ବୋଲି କୁହାଯାଇପାରେ। ପ୍ରତ୍ୟେକ ମଣିଷର କଥା କହିବାର ସ୍ୱାଧୀନତାଭଳି ନିଜକୁ ସ୍ୱଚ୍ଛନ୍ଦ ଭାବରେ ପରିପ୍ରକାଶ କରିବାର ସ୍ୱାଧୀନତା ନାରୀଟିଏ ପାଇଁ ଜରୁରୀ। ସୃଜନ କ୍ଷେତ୍ରରେ ତ ଏହା ଆହୁରି ଜରୁରୀ।